# ୨୪ ଘଣ୍ଟା ପରେ ସିମ ନଦୀରୁ ନାବାଳକର ଶବ ଉଦ୍ଧାର



ଠାକୁରମୁଣ୍ଡା ,(ସବ୍ୟୁ) : ମଙ୍ଗଳବାର ଦିନ ଗାଧୋଇବାକୁ ଯାଇ ସମ ନଦୀରେ ଓଢ଼ୁ ଯାଇଥିବା ଠାକୁରମୁଣ୍ଡା ଥାନାଅନ୍ତର୍ଗତ ତାଳପଦା ଗ୍ରାମ ଶତ୍ରୁଘନ ପଲେଇଙ୍କ ଏକମାତ୍ର ପୁଅ ରୁଦ୍ର ନାରାୟଣ ପଲେଇ (୧୩)ଙ୍କ ଶବ ୨୪ ଘଣ୍ଟା ପରେ ଉଦ୍ଧାର କରିଛି ଓଡ୍ରାଫ୍ଟ ଟିମ ଓଅଗ୍ନିଶମ କର୍ମଚାରୀ । ସୂଚନା ଯୋଗ୍ୟ ଯେ ମଙ୍ଗଳବାର ପୂର୍ବାହ୍ନ ୮ଟାରେ ଟିୟୁସନରୁ ଫେରି ସାଙ୍ଗମାନଙ୍କ ସହ ୪୭ କିଲୋମିଟର ସିମିନଦୀ ଖଡିପାଳ ଚତିରିକୁ ଯାଇଥିଲା। ସେଠାରେ ସାଙ୍ଗମାନଙ୍କ ସହ ପଥରରେ ବସି ଗାଧୋଉ ଥିବା ବେଳେ ହଠାତ ପାଦ ଖସି ଯିବାରୁ ଖସିଯାଇ ଗଭୀର ଜଳ ଥିବା ଗଣ୍ଡ ଭିତରେ ପଡି ବୁଡିଯାଇଥିଲା। ଖବର ଘର ଲୋକ ଘଟଣାସ୍ଥଳକୁ ଯାଇ ଖୋଜିବା ସହ ଅଗ୍ନିଶମ ବିଭାଗ ମଧ୍ୟ ପାଣିରେ ବୁଡ଼ି ଖୋଜିଥିଲେ। ହେଲେ ରୁଦ୍ର ର ପତା ମିଳି ନ ଥିଲା। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଠାକୁରମୁଣ୍ଡା ବିଡ଼ିଓ ସ୍ବପ୍ନଶ୍ବର ବେହେରା ପହଞ୍ଚିବା ସହ ଓଡ୍ରାଫ। ଟିମ କୁ ଖବର ଦେଇଥିଲେ।ରାତି ପ୍ରାୟ ୧୦ ଟା ସମୟରେ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଠାକୁରମୁଣ୍ଡା ବିଡ଼ିଓ ସପ୍ନେଶ୍ୱର ବେହେରା ଏବଂ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଏବଂ ତାଙ୍କ ପୋଲିସ ଟିମ ଉପସ୍ଥିତ ରେ ଉଦ୍ଧାର ତଥା ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଓଡ୍ରାଫ୍ ଟିମ୍ର ଅକ୍ଲାନ୍ତ ପରିଶ୍ରମ ପରେ ମଧ ଭୋର୍ ୪ ଟା ପର୍ଯ୍ୟନ୍ତ ରୁଦ୍ରନାରାୟଣର କୌଣସି ସନ୍ଧାନ ମିଳିନଥିଲା।ପରେ ବୁଧବାର ସକାଳେ ଓଡ୍ରାଫ୍ ଟିମ୍ ପୁଣି ତା'ର ତଲାସୀ ଅଭିଯାନ ଆରମ୍ଭ କରିଥିଲା। ସକାଳ ପ୍ରାୟ ସାଢ଼େ ୧୦ଟାରେ ରୁଦ୍ରନାରାୟଣ ଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ରୁଦ୍ରନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ଥାନା ଏସ ଆଇ ରତ୍ନାକର ବାରିକ କେଶ୍ ନ ୧୮/୨୦୨୪ ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

# ଜଙ୍ଗଲ ଜମି ପଟ୍ଟା ପାଇବା ଆଶାରେ କାଟୁଛନ୍ତି ଶହ ଶହ ଗଛ

କେନ୍ଦୁଝର (ରବିରାଜ): ସରକାରଙ୍କ ତରଫରୁ ଭୂମିହୀନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛିଛ ଏହାକୁ ଢାଲ କରି କେନ୍ଦୁଝର ଜିଲ୍ଲାର ଦୁଇ ପ୍ରମୁଖ ଜଙ୍ଗଲ ଅଟେଲ ଏବଂ ରେବଣ ସଂରକ୍ଷିତ ଜଙ୍ଗଲରେ ଏବେ କିଛି ଦିନ ଧରି ଶତାଧିକ ଝାଡଖଣ୍ଡି ଲୋକ ଜଙ୍ଗଲର ମୂଲ୍ୟବାନ ଗଛକୁ କାଟି ସଫା କରି ଦେଉଛନ୍ତି ।ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ପରିବେଶବିତ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଜଙ୍ଗଲ ସୁରକ୍ଷା ଏବ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ସ୍କୁଲରେ ଛାତ୍ର ଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ କରାଯାଉଥିବା ବେଳେ ସଚେତନକୁ ମଧ ବ୍ୟାପକ କରାଯାଇ ବନର୍ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଅନ୍ୟ ପଟେ ବିଭିନ୍ନ ଏନ୍ ଜିଓସଂସ୍ଥା ମାଧମରେ ଝାଡ଼ଖଣ୍ଡ, ବିହାର ଭଳି ରାଜ୍ୟର ଶତାଧିକ ଲୋକ କଙ୍ଗଲ ଜମି ପଟ୍ଟା ପାଇବା ଆଶାରେ ସଫା କରି ଚାଲିଛନ୍ତି । ଯଦ୍ଵାରା ବହୁ ମୂଲ୍ୟବାନ ଗଛ ବଳିପଡୁଥିବା ନଜରକୁ ଆସିଛି ।ସୂଚନା ଥାଉକି, ଜଙ୍ଗଲ ଜମି ପଟ୍ଟା ପାଇଁ ୨୦୧୧ ମସିହାରୁ ସର୍ଭେ ସରିଥିବା ସହ ଜଙ୍ଗଲ ଜମି ପଟ୍ଟା ପାଇଁ ପ୍ରକ୍ରିୟା ଆରମ୍ଭ ମଧ ହୋଇସାରଛି। ୨୦୦୫ ଡିସେମ୍ବର ମାସ ୧୩ ତାରିଖର ଜଙ୍ଗଲ ଜମି ଅଧିକରଣ ସଂକ୍ରାନ୍ତୀୟ ଧାରା ଅନୁସାରେ ଭୂମିହୀନଙ୍କୁ ସଂରକ୍ଷିତ ଜଙ୍ଗଲ ଜମିକୁ, ଛାଡି ଖେସରା ଜଙ୍ଗଲ ଭଳି ସ୍ଥାନରୁ ପଟ୍ଟା ଦେବାର ବ୍ୟବସ୍ଥା ରହିଥିଲା ।ପାଖାପାଖି ୨୦ ବର୍ଷ ପରେ ମଧ ଅଦ୍ୟାବଧି ସେହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଉଥିବାରୁ ବାହାର ରାଜ୍ୟ ଏବଂ ଜିଲ୍ଲାର ଆଦିବାସୀ ସାନ୍ତାଳ ସଂପ୍ରଦାୟର ଲୋକ ସେମାନଙ୍କର ବନ୍ଧୁବାନ୍ଧବ ଘରମାନଙ୍କରେ କିଛି ଦିନ ରହିବା ପରେ ଜଙ୍ଗଲ ଜମି ପାଇବା ଆଶାରେ ଏନଜିଓ ମାନଙ୍କ ସହାୟତାରେ ଜଙ୍ଗଲକୁ କାଟି ସଫା କରୁଥିବା ଦେଖିବାକୁ ମିଳିଛି ।ଦାମିକିଆ ଦୁଇଚକିଆ ଯାନରେ ୭୦ରୁ ଅଧିକା ବାଇକରେ ଆସି ଘଟଗାଁ ରେଞ୍ଜର ବଣଚକୁଳିଆ ନିକଟସ୍ଥ ମୂଷଳ ନଦୀର ଗୁଣ୍ଡିଚାଘାଗୀ ଜଳପ୍ରପାତ, ହରିଚନ୍ଦନପୁର ବ୍ଲକର ଦାବୁଆଣୀ, ଦୈତାରୀ, ବଳିପର୍ବତ ସମେତ ଅନ୍ୟ କେତେକ ଠାରେ ଜଙ୍ଗଲକୁ କାଟି ପାଖାପାଖୁ ୫୦ ଏକର ଜାଗା ସଫା କରିଥିବା ସୂଚନା ମିଳିଛି । ଜଙ୍ଗଲ ସଫା କରି ସାରିବା ପରେ ଏମାନେ ଜଙ୍ଗଲ ଜମି ପଟ୍ଟା ପାଇବାପାଇଁ ପ୍ରଶାସନ ଏବଂ ସରକାରଙ୍କ ଉପରେ ଚାପ ମଧ୍ୟ ପକାଉଛନ୍ତି । ତେଣୁ ଅବାଧରେ ଜଙ୍ଗଲକୁ କାଟି ସଫା କରୁଥିବା ଝାଡଖଣ୍ଡି, ବିହାରୀ ଲୋକଙ୍କୁ ଏଥିରୁ ନିବୃତ୍ତ କରି ଜଙ୍ଗଲ ସୁରକ୍ଷା ଦିଗରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ପରିବେଶବିତମାନେ ଦାବି କରିଛନ୍ତି ।ଅନ୍ୟ ପକ୍ଷରେ ଜଙ୍ଗଲ କାଟି ସଫାକରିବା ଦ୍ୱାରା ଜଙ୍ଗଲୀ ଜନ୍ତୁ ସବୁ ଗାଁ ମୁହାଁ ହେଉଥିବା ବେଳେ ବନ୍ୟପ୍ରାଣୀ ଏବଂ ମାନବ ସମାଜ ମଧ୍ୟରେ ଏକ ପ୍ରକାର ଲଢେଇ ହେଉଛି ।ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଗତ ସୋମବାର ଭୋର ସମୟରେଶୌଚ ପାଇଁ ଜଙ୍ଗଲ ପାର୍ଶ୍ୱ ସ୍ଥ ନାଳକୁ ଯାଇଥିବା ବେଳେ ତୁର୍କି ପଦାର ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିଲା।

# 'ଆକଳନ'ର ପାର୍ବଣ ସଂଖ୍ୟା ୨୦୨୪ ଉନ୍ମୋଚିତ

ଭଦ୍ରକ,(ସବ୍ୟୁ): ସାହିତ୍ୟର ବିକାଶ ଓ ସୃଜନଶୀଳତାର ପରିଚୟ ପ୍ରତିଷ୍ଠା ପାଇଁ ସମାଲୋଚନାର ଯଥେଷ୍ଟ ଗୁରୁତ୍ୱ ରହିଥାଏ। ସମାଲୋଚନା ଓ ଗବେଷଣାତ୍ମକ, ସମୀକ୍ଷାଧର୍ମୀ ପ୍ରବନ୍ଧ ଆମ ସାହିତ୍ୟର ଗଳ୍ପ, କବିତା, ନାଟକ, ଓ ଉପନ୍ୟାସ ଇତ୍ୟାଦିର ପଥ ପ୍ରଦର୍ଶକ। ଯୁଗେ ଯୁଗେ ପ୍ରତ୍ୟେକ ସାହିତ୍ୟ ସମାଲୋଚନାର ଅସାଧାରରେ ହିଁ ଅଧିକ ବିକଶିତ ହୋଇଥାଏ। ପ୍ରଫେସର ଡ. ଶଶଧର ଦାସଙ୍କ ସଂପାଦନାରେ ଭଦ୍ରକରୁ ପ୍ରକାଶ ପାଇଆସୁଥିବା ସମୀକ୍ଷା ସମୃଦ୍ଧ, ସମାଲୋଚନାଧର୍ମୀ ସାହିତ୍ୟ ପତ୍ରିକା 'ଆକଳନ' ହିଁ ବର୍ତ୍ତମାନ ଓଡ଼ିଶାରେ ଭିନ୍ନ ଧରଣର ଏକମାତ୍ର ପତ୍ରିକା। ଯାହା ଲେଖକ ଓ ପାଠକ ମଧରେ ସଂପର୍କର ସେତୁ ଭଳି କାର୍ଯ୍ୟ କରିଆସୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆକଳନ ପତ୍ରିକାର ପାଠକାରପଣ, ପ୍ରବନ୍ଧ ସମ୍ମାନ ପ୍ରଦାନ ଓ ଅଷ୍ଟମ ପାର୍ବଣ ସମାରୋହରେ ଯୋଗଦେଇ ପ୍ରଫେସର ଡ. ଶୈଳେନ୍ଦ୍ର ମହାପାତ୍ର, ପ୍ରଫେସର ଗିରିଶ ଚନ୍ଦ୍ର ଜେନା, ପ୍ରଫେସର ଡ. ବ୍ରଜମୋହନ ମିଶ୍ର, କଥାକାର ପବିତ୍ର ପାଣିଗ୍ରାହୀ, ପ୍ରଫେସର ଦେବାଶିଷ ପାତ୍ର ପ୍ରମୁଖ ଆକଳନର ପାର୍ବଣ ୨୦୨୪ ର ଉନ୍ମୋଚନ କରିବା ସହ ଉପରୋକ୍ତ ଅଭିମତ ରଖିଥିଲେ। 'ଆକଳନ' ତରଫରୁ ପ୍ରବନ୍ଧ ରଚନାରେ ଉତ୍କର୍ଷତା ପାଇଁ ଡ. ଦେବାଶିଷ ପାତ୍ର, ଡ. ସୁକାନ୍ତି ମହାପାତ୍ର, ଡ. ପ୍ରଜ୍ଞା ପ୍ରବର୍ତିକା ଦାଶ, ସୁଶ୍ରୀ ପ୍ରୀତିଲତା ପଣ୍ଡାଙ୍କୁ ପ୍ରବନ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭଦ୍ରକ ସହରର ସାହିତ୍ୟ, ସଂସ୍କୃତିର ପବିତ୍ର ପୀଠ ମହେନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ଏହି ସଭାରେ ଆକଳନର ସଂପାଦକ ଡ. ଶଶଧର ଦାସ ସଭା ସଂଚାଳନା କରିଥିଲେ। କବି ଭରତ ଦାଶ, ଅଧାପକ ଗୋଲକ ନାୟକ, ଡ. ବିଭୂତି ଭୂଷେ ସାହୁ, ସସ୍ମିତ ଖୁଂଟିଆ, ଲକ୍ଷ୍ମୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବସନ୍ତ ପାତ୍ରଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,(ସବ୍ୟୁ):ବୁଧବାର ଏରେଇଁ କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକ ସଂଘ ଚରମ୍ପାର ସ୍ୱର୍ଗତ ବସନ୍ତ କୁମାର ପାତ୍ରଙ୍କ ସ୍ମୃତିଚାରଣ ସଭା ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାତ୍ର ଜଣେ ମେଳାପୀ,ମିଷ୍ଟଭାଷୀ ଓ ସ୍ପଷ୍ଟବାଦୀ ବ୍ୟକ୍ତି ଥିଲେ। ୨୦୨୦ମସିହାରୁ ଚରମ୍ପା ମହାବିଦ୍ୟାଳୟରୁ ଅର୍ଥନୀତି ବିଭାଗରୁ ଅଧ୍ୟାପନା ଦାୟିତ୍ୱରୁ ଅବସର ନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଆସିଥିଲେ। ଦିଲ୍ଲୀରେ ନିଜ ପିଲାଙ୍କ ଗହଣରେ କିଛିଦିନ ପାଇଁ ଅବସର ସମୟ ବିତାଉ ଥିବା ସମୟରେ ତାଙ୍କର ହଠାତ ହୃଦଘାତ ହେଲା । ଏହି ହୃଦଘାତରେ ଦିଲ୍ଲୀର ଏକ ଡାକ୍ତରଖାନରେ ଇହଲୀଳା ସମ୍ବରଣ କଲେ। ମହାପ୍ରଭୁ ଜଗନ୍ନାଥ ତାଙ୍କ ଶୋକାକୁଳ ପରିବାରଙ୍କୁ ଶକ୍ତି ଓ ସାମର୍ଥ୍ୟ ଦେବା ସଙ୍ଗେ ସଙ୍ଗେ ତାଙ୍କ ଆତ୍ମାର ସଦଗତି କରନ୍ତୁ,ଏହାହିଁ ଆମ ସମସ୍ତଙ୍କର ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା ବରିଷ୍ଠ ନାଗରିକ ସଂଘ ଚରମ୍ପାର ସମସ୍ତ ସଦସ୍ୟ ସଦସ୍ୟା।

# ଫଳ ବାଣ୍ଟି ନବୀନଙ୍କ ଜନ୍ମଦିନ ପାଳନ କଲେ ବିଧାୟକ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମୋତ୍ସବକୁ ସେବା ଦିବସ ଭାବେ ପାଳନ କରାଯାଇଛି। ଏହି ଉପଲକ୍ଷେ ବିଧାୟକ ସଞ୍ଜିବ ମଲ୍ଲିକ ବ୍ଲକ ଛକ ବିଜୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ବିଧାକୟ ଶ୍ରୀ ମଲ୍ଲିକ ବ୍ଲକଛକ ଶନିମନ୍ଦିରରେ ପୂଜାର୍ଚ୍ଚନା କରି ଶ୍ରୀ ପଟ୍ଟନାୟକଙ୍କ ଶୁଭ ମନାସୀ ଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀ ରୋଗୀଙ୍କୁ ଫଳ ବିତରଣ କରିଥିଲେ। ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଦଳର ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଛାତ୍ର ସଭାପତି ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ଯୁବ ସଭାପତି ଲଳିତ ରାଉତ, ବିରେନ୍ଦ୍ର ନାୟକ, ପରମାନନ୍ଦ ନାୟକ, ପ୍ରସନ୍ନ ସାହୁ ପ୍ରମୁଖ ଜନ୍ମୋତ୍ସବ ପାଳନରେ ସାମିଲ ହୋଇଥିଲେ।

# ରତନ ଟାଟାଙ୍କ ଦେହାନ୍ତରେ ଏଡିଫ୍‌ର ଶ୍ରଦ୍ଧାଞ୍ଜଳି



କେନ୍ଦୁଝର/ଯୋଡ଼ା(ସ୍ୱପ୍ର/ସବ୍ୟୁ):।ଛ ଟାଟା ଗ୍ରୁପ୍ ର ଅଧକ୍ଷ ରତନ ଟାଟା ଙ୍କ ବିୟୋଗରେ ଯୋଡ଼ା ଅଞ୍ଚଳର ସମାଜ ସେବୀ ଅନୁଷ୍ଠାନ ଆଶାର ଦ୍ୱାର ଫାଉଣ୍ଡେସନ ତରଫରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି।ଫେରୋ ମାଙ୍ଗାନିଜ ପ୍ଲାଣ୍ଟ ଗେଟ୍ ସମ୍ମୁଖ ଏବଂ ବସ୍ ଷ୍ଟାଣ୍ଡ ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି ନିକଟରେ ଦ୍ୱୀପ ପ୍ରଜ୍ୱୋଳନ କରିନିରବ ପ୍ରାର୍ଥନା କରିଥିଲେ ଉପସ୍ଥିତ ସଦସ୍ୟ ମାନେ। ଏହି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାରଙ୍କ ସହିତ କମ୍ପାନୀର କେତେକ ଅଧିକାରୀ ଓ କର୍ମଚାରୀ , ଏ ଡ଼ି ଏଫ ର ବିଜୟ ମହାକୁଡ଼, ବି ଏନ୍ ଦାଶ, ସଞ୍ଜୟ ପାତ୍ର, ବିଟୁ ଦାସ, ନରେଶ ମହାକୁଡ଼ ଓ ଭୁଣ୍ଡୁ ରାଜ, ସାମ୍ବାଦିକ ବିଜୟ ଜେନା ଓ ଗଣେଶ ସାହୁଙ୍କ ସହିତ ଏ ଡ଼ି ଏଫ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ଆରାଧନା



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ପୁରପଲ୍ଲୀରେ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି ।ଖଇରା ପଞ୍ଚାୟତ ବିଷ୍ଣୁପୁରସ୍ଥିତ ମୁକ୍ତାଶୁଣି ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୂଜାପାଇଁ ବୁଧବାର ସଂଧ୍ୟାରେ ପ୍ରଶାନ୍ତ କୁମାର ଜେନା,ରବିନାରାୟଣ ଦାସ,ମାନସ ପ୍ରଧାନଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ପୂଜକ ବିରଞ୍ଚି ନାରାୟଣ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଯାଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଖଇରା ବଜାର ଆଳଦାଛକ,ମାହାରାସାହି, ପତିରାଜପୁର, ଅରଖପୁର, ଭୋଗୁପୁର, ବାରିଙ୍ଗିଆ, ସମ୍ପେଇ, କିଶୋରନଗର ଇତ୍ୟାଦି ସ୍ଥାନରେ ପୂଜା ପାରମ୍ପରିକ ରତିରେ ଆରମ୍ଭ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି ।

# ବିଜେଡି କର୍ମୀ ସମ୍ମିଳନୀ

ଆନନ୍ଦପୁର, (ସବ୍ୟୁ): ଆନନ୍ଦପୁର ପୋରାଞ୍ଚଳର ଖପରାଖାଇ ବାଇପାସ ଠାରେ ବିଜୁ ଜନତା ଦଳର ଘସିପୁରା ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅକ୍ଷୟ କୁମାର ସାହୁଙ୍କ ସଂଯୋଜନାରେ ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ। ଦଳୀୟ ସଂଗଠନ, ସଦସ୍ୟତା ଅଭିଯାନ, ପଦଯାତ୍ରା ଓ ଆସନ୍ତା ୧୭ ତାରିଖରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଜନ୍ମଦିନ ପାଳନ ସଂପର୍କରେ ଆଲୋଚନା କରିଥିଲେ।ଏହି କର୍ମୀ ସମ୍ମିଳନୀ ପୂର୍ବତନ ବ୍ଲକ ଚେୟାରମ୍ୟାନ ଦେବାଶିଷ ପାତ୍ର, ବରିଷ୍ଠ ବିଜେଡି ନେତା ନାରାୟଣ ଧୀର, ନନ୍ଦ କିଶୋର ବେହେରା, ବିଭାସ ଚନ୍ଦ୍ର ନାୟକ, ଗୋପିନାଥ ସ୍ୱାଇଁ, ଅକ୍ଷୟ ବିଶ୍ୱାଳ, ପ୍ରସନ୍ନ ପାତ୍ର, ହିମାଂଶୁ ଶେଖର କୁଅଁର, ବିଶ୍ୱ ରଞ୍ଜନ ବେହେରା, ଅକ୍ଷୟ ଜେନା, ଧନେଶ୍ୱର ଯେନା, ଗଗନ ଭୂୟାଁ, କୁଳମଣି ରାଉତ, ପ୍ରେମାନନ୍ଦ ପାଣିଗ୍ରାହୀ, ପର୍ଶୁରାମ ମହାରଣା, ପଦ୍ମନାଭ ପାତ୍ର, ମୁନା ପାଣିଗ୍ରାହୀ, ପ୍ରଦୀପ କୁମାର ସାହୁ, ବଳରାମ ବେହେରା, ବଳରାମ ଯେନା ପ୍ରମୁଖ ଯୋଗ ଦେଇଥିଲେ ।

# ଯୁବମୋର୍ଚ୍ଚାକୁ ନେଇ ସଦସ୍ୟତା ଅଭିଯାନର ସମୀକ୍ଷା

ଅସୁରାଳି,(ସବ୍ୟୁ):ଧାମନଗର ବିଧାନସଭା ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାର୍ତ୍ତାଙ୍କୁ ନେଇ ସଦସ୍ୟତା ସଂଗ୍ରହ ଅଭିଯାନର ସମୀକ୍ଷା ବୈଠକ ଆନନ୍ଦ ବଜାରସ୍ଥିତ ଶାନ୍ତି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମୀକ୍ଷା ବୈଠକରେ ଯୋଗଦେଇ ଭାରତୀୟ ଜନତା ପାର୍ଟି ସର୍ବଦା କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଥିବା ସଂଗଠନ ବୋଲି କହି ବର୍ତ୍ତମାନ ଚାଲିଥିବା ସଦସ୍ୟତା ସଂଗ୍ରହ ଅଭିଯାନରେ କିପରି ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ା ଯାଇପାରିବ ତାଉପରେ ଗୁରୁତ୍ୱ ଦେଇଥିଲେ। ସଭ୍ୟ ସଂଗ୍ରହ ଅଭିଯାନରେ ଯୁବମୋର୍ଚ୍ଚାର ଏକ ବଡ଼ ଭୂମିକା ରହିଛି ବୋଲି ବୈଠକରେ ମନ୍ତ୍ରୀ ଶ୍ରୀସୂରଜ ପ୍ରକାଶ କରିଥିଲେ। ମୁକୁନ୍ଦଦେବ ମଣ୍ଡଳ ଯୁବ ସଭାପତି ରଞ୍ଜିତ କୁମାର ସାହୁ ଏଥିରେ ପୌରହିତ୍ୟ କରିଥିଲେ। ସଦସ୍ୟତା ଅଭିଯାନର ଜିଲ୍ଲା ସଂଯୋଜକ ମନୋରଞ୍ଜନ ମଲ୍ଲିକ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ,ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ପ୍ରୀତମ ମହାପାତ୍ର,ମଣ୍ଡଳ ଯୁବମୋର୍ଚ୍ଚା ନେତୃତ୍ୱ ସ୍ୱାଧୀନ ସସ୍ମିତ ଦାସ,ରଜତ କୁମାର ଲେଙ୍କା,ରଜନୀକାନ୍ତ ମିଶ୍ର,ଗୌରାଙ୍ଗ ଦାସ,ଅନନ୍ତ ବେହେରା,ଜଙ୍ଗଦତ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ। ସମୀକ୍ଷା ବୈଠକରେ ବରିଷ୍ଠ ନେତା ଅଶୋକ କୁମାର ପୁହାଣ,ଦେବେନ୍ଦ୍ର ପୁହାଣ,ବିଦ୍ୟାଧର ରାଉତ,ବୁଦ୍ଧଦେବ ଜେନା,ବୈକୁଣ୍ଠ ନାଥ ସାହୁ,ସଞ୍ଜୀବ ବେହେରା,ଉଷାକାନ୍ତ ନାୟକ,ତପନ ପାଢ଼ୀ,ଅନ୍ତର୍ଯ୍ୟାମୀ ପତି,ହୃଷିକେଶ ରାଉତ,ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ପାଂଚ ଶହରୁ ଅଧିକ ଯୁବ ବିଜେପି କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

# ନବୀନଙ୍କ ଜନ୍ମଦିନରେ ଫଳ ବଣ୍ଟନ

ଆଗରପଡ଼ା,(ସବ୍ୟୁ):ପ୍ରାକ୍ତନ ମୁଖ୍ୟମଂତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନରେ ଆଗରପଡ଼ା ଠାରେ ବିଜେଡି ପକ୍ଷରୁ ତାଙ୍କର ଶୁଭକାମନା କରି ବିଭିନ୍ନ ମନ୍ଦିରରେ ଦୀପ ପ୍ରଜ୍ୱଳନ,ପୂଜାପାଠ କରାଯାଇଥିଲା। ସ୍ଥାନୀୟ ବିଟିପୁର ପଂଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବିଜେଡି ନେତା,କର୍ମୀମାନଙ୍କ ସହ ନବୀନଙ୍କ ଶୁଭେଚ୍ଛୁମାନେ ଯାଇ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଓ ଗୋପିନାଥ ଜରାନିବାସ ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ବରିଷ୍ଠ ନେତା ରାମଚନ୍ଦ୍ର ନାୟକ,ଶ୍ରୀନାଥ ମହାନ୍ତି,ବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ଯୁବ ଉପସଭାପତି ପ୍ରଦ୍ୟୁମ୍ନ ପୁହାଣ,ବ୍ଲକ ଯୁବସଭାପତି ସତ୍ୟ ସାଧନ ବେଜ,ସରପଂଚ ପ୍ରକାଶ ବିଶ୍ୱାଳ,ସମିତି ସଭ୍ୟ ନିର୍ମଳ ନାୟକ,ଯୁବନେତା ଜିତେନ୍ଦ୍ର ଶତପଥୀ,ସପନ ସିଂହ,ଦୀପକ ମହାନ୍ତି,ସନ୍ତୋଷ ନାୟକ,ଅଶୋକ ପାଣିଗ୍ରାହୀ,ଦିପୁ ପୁହାଣ,ଜୟଦେବ ସିଂହ,ଗଗନ ସିଂହ,ଟିକିଆ ପଟ୍ଟନାୟକ,ରମେଶ ସାହୁ,ରମେଶ ଜେନା,ପହଲି ରାଉତ,ପୟୋଧର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ମା' ନେଲେ ମେଲାଣି

ଢେଙ୍କେକୋଟ,(ସବ୍ୟୁ): ପୂଜାମଣ୍ଡପରୁ ବାହାରି ବିସର୍ଜନ ନେଲେ ମା ।।ଦେବୀ ମଣ୍ଡପ ଓ ଶ୍ରୀ ଦୁର୍ଗା ମଣ୍ଡପ ଉଭୟ କମିଟିର ସଦସ୍ୟ ଘଣ୍ଟ ଘଣ୍ଟା,ମାଦଳ,କୀର୍ତ୍ତନ 'ସହିତ ଧୂପ ଦୀପ,ଓ ନୈବେଦ୍ୟ ଦେଇ ମା କୁ ମେଲାଣି ଦେଇଛନ୍ତି। ଶହଶହ ମାତୃପ୍ରେମୀ ମାନେ ମା କୁ ଦର୍ଶନ କରିଛନ୍ତି । ପୁଣି ଥରେ ଅପେକ୍ଷା ଆର ବରଷକୁ । ଦେବୀ ମଣ୍ଡପ ର ଉତ୍ତମ କୁମାର ନାଏକ,ଗତିକୃଷ ଦଳାଇ, ଲଲାଟେନ୍ଦୁ ସଝହୁ,ନାରାୟଣ ବେହେରା, ଅରୁଣ ବେହେରା, ରବି ମହାପାତ୍ର, ଶତ୍ରୁଘ୍ନ ସାହୁ,ଚିତରଞ୍ଜନ ସଝହୁ ପ୍ରମୁଖ ଦାଇତ୍ୱ ତୁଲାଇଥିଲେ। ସେହିପରି ଶ୍ରୀ ଦୁର୍ଗା ପୂଜା କମିଟି ସନ୍ତୋଷ କୁମାର ଶତପଥୀ,ଅଜୟ କୁମାର୍ ସାହୁ,ଅମର ସିଂ, ପଂକଜ ବେହେରା, ପ୍ରଦୀପ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରମୁଖ ଯୋଗଦାନ କରି ଭସାଣିକୁ ସଫଳ କରାଇଥିଲେ ।

# କୁମାରପୂର୍ଣ୍ଣିମା ପାଳନ

ଭଣ୍ଡାରିପୋଖରୀ,( ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କୁମାରପୂର୍ଣ୍ଣମା ପର୍ବ ବୁଧବାର କୁମାରୀକନ୍ୟାମାନେ ପାଳନ କରିଛନ୍ତି। ଏଥିପାଇଁ ଘର ଅଗଣାରେ ଥିବା ତୁଳସୀ ଚଉରାକୁ ସଜାଇ ଆକର୍ଷଣୀୟ ରୂପ ଦିଆଯାଇଥିଲା। ଜହ୍ନି ଓ ନାଲି, ନୀଳ ଓ ଧଳା ରଙ୍ଗର କଇଁ ଆଦି ଫୁଲରେ ଚଉରାକୁ ସଜିତ କରିଥିଲେ। କୁମାରୀ କନ୍ୟାମାନେ ଦିନ ତମାମ ଉପାସ ରହି ସନ୍ଧ୍ୟାରେ ନବବସ୍ତ୍ର ପରିଧାନ କରି କଳସ ପୂଜା ସହ ନବଉଦିତ ଜହ୍ନମାମୁଁକୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ଖଇ, ତାଳଗଜାର ଭୋଗରେ ଚନ୍ଦ୍ରାକୃତି କରାଯାଇ ଜହ୍ନମାମୁଁଙ୍କୁ ବନ୍ଦାପନା ସହ ମଣ୍ଡାପିଠା ଭୋଗ ଲାଗି କରାଯାଇଥିଲା। କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ ସହ କୁଆଁରୀମାନେ ନଗରଭ୍ରମଣ କରି ଉତ୍ସବ ପାଳନ କରିଥିଲେ।

# କରତକଳ ଉପରେ ଚଢ଼ାଉ

ନୀଳଗିରି,(ସବ୍ୟୁ): ନୀଳଗିରି ପଦାଗାଁ ଅଞ୍ଚଳରେ ବହୁଦିନ ଧରି ବେଆଇନଭାବେ କରତକଳ ଚାଲିଆସୁଥିବା ଖବର ନୀଳଗିରି ବନବିଭାଗ ଜାଣିଲାପରେ ନୀଳଗିରି ରେଞ୍ଜର ଆଇସାନ ନିଶାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଦିନ ଏହି କରତକଳ ଉପରେ ଚଢ଼ାଉ କରିଥିଲା । ଜଙ୍ଗଲ ବିଭାଗ କର୍ମଚାରୀମାନେ ସେଠାରୁ ଲକ୍ଷ୍ୟାଧିକ ଟଙ୍କାର ଯନ୍ତ୍ରାଂଶ ଜବଦ କରିଛନ୍ତି । ଘଟଣାରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

# ଗ୍ୟାସ ସିଲିଣ୍ଡର ଚୋରି ଛେଚା ଖାଇଲେ ଦୁଇ ଯୁବକ

ଭୋଗରାଇ,(ସବ୍ୟୁ) : ନିଶା ଖାଇବା ପାଇଁ ଅର୍ଥାଭାବରୁ ରାତି ଅଧରେ ଗ୍ୟାସ ସିଲିଣ୍ଡର ଚୋରୀ କରି ଗ୍ରାମବାସୀଙ୍କ ହାତରେ ଧରାପଡ଼ି ଛେଚା ଖାଇଛନ୍ତି ୨ ଯୁବକ । ଏଭଳି ଘଟଣା ଘଟିଛି ଭୋଗରାଇ ବ୍ଲକ ନାଇଦୋଳି ଗ୍ରାମରେ । ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଏହି ଗ୍ରାମରେ ଏକ ନାଟକ ମଞ୍ଚସ୍ଥ ହୋଇଥିବା ବେଳେ ଗ୍ରାମର ଜନୈକ ଲୋକ ତାଙ୍କର ପରିବାର ସହିତ ନାଟକ ଦେଖିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁଇଜଣ ନିଶାଡ଼ି ଯୁବକ ଗ୍ୟାସ ସିଲିଣ୍ଡର ଚୋରୀ କରି ନେଉଥିବା ଗ୍ରାମବାସୀମାନେ ଦେଖି ଯୁବକ ଦ୍ୱୟଙ୍କୁ କାବୁ କରିବା ସହ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ । ସେମାନେ ନିଶା ଖାଇବା ପାଇଁ ଏହି ଚୋରୀ କରିଥିଲେ ବୋଲି ପ୍ରକାଶ କରିଥିଲେ । ଚୋରୀ କରିଥିବା ଯୁବକ ଦ୍ୱୟ ହେଲେ ନାଇଦୋଳି ଓ କୁଚିଳାଡାଙ୍ଗ ଗ୍ରାମର । ନାଇଦୋଳି ଗ୍ରାମର ଯୁବକ ଜଣଙ୍କ ପୂର୍ବରୁ ଅନ୍ୟଲୋକଙ୍କ ଘର ଧାନ କାଢିନେଇ ଚୋରାରେ ବିକ୍ରି କରିବା ସହ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି କରି ଧରାପଡ଼ି ଭୋଗରାଇ ଥାନାକୁ ଟଣା ହୋଇଥିଲେ । ଚୋରଦ୍ୱୟଙ୍କ ବିରୋଧରେ ଗ୍ରାମବାସୀମାନେ ଥାନାରେ ଏତଲା ନଦେଇ ଛାଡ଼ି ଦେଇଥିବା ଖବର ମିଳିଛି ।

# ହୋମିଓପ୍ୟାଥିକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପରଲୋକ

ସୋର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲା ହୋମିଓପ୍ୟାଥି ପ୍ରାକ୍ତନ ମୁଖ୍ୟ ଚିକିତ୍ସାଧିକାରୀ ମୁକ୍ତିକାନ୍ତ ବେହେରା(୭୨)ଙ୍କର ତାଙ୍କ ସିମୁଳିଆ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ଧରି ସେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁରେ ସୋର ହୋମିଓପ୍ୟାଥିକ ଚିକିତ୍ସା ବିଭାଗ ତରଫରୁ ଶୋକ ପ୍ରକାଶ କରାଯାଇଛି। ସେ ହୋମିଓପ୍ୟାଥିକରେ ଡିଗ୍ରୀ ହାସଲ କରି ସରକାରୀ ଡାକ୍ତରଖାନାରେ ଚିକିତ୍ସକ ଭାବେ ଯୋଗଦେଇ ଶେଷରେ ବାଲେଶ୍ୱର ହୋମିଓପ୍ୟାଥିକ ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ କନ୍ୟା ଅର୍ପିତା, ପୁତ୍ର ବ୍ରଜକିଶୋର,ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ବ୍ରଜକିଶୋର ମୁଖାଗ୍ନି ଦେଇଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ସୋର,(ସବ୍ୟୁ) :ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣଙ୍କ ହେଲେ ସୋର ଥାନା ମହୁମୁହାଣ ପଞ୍ଚାୟତ ଗୁଡିସାହି ଗ୍ରାମର ଟୁନା ସିଂଙ୍କ ସ୍ତ୍ରୀ ଲକ୍ଷ୍ମୀ ସିଂ(୩୦)। ବୁଧବାର ସକାଳେ ଲକ୍ଷ୍ମୀ ଘରୁ ବାହାରକୁ ଯାଇଥିବା ବେଳେ ଘର ନିକଟରେ ଥିବା ଏକ ନିମ୍ବ ଗଛରେ ପିନ୍ଧିଥିବା ଶାଢିରେ ଫାଶୀ ଲଗାଇ ଝୁଲିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତର ଖାନାକୁ ଆଣିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗାଡି ଧକ୍କାରେ ଆଖି ବୁଜିଲେ ଯୁବକ

ଖଇରା,(ସବ୍ୟୁ):ସୋର-କୁପାରୀ ରାସ୍ତାର ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ଦାନ୍ତିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ନନ୍ଥର ଗ୍ରାମର ଗୌତମ ସାହୁ ଆଖିବୁଜିଛନ୍ତି । ତାଙ୍କ ପରିବାର ଲୋକେ ଟାଟା ନଗରରେ ରହୁଥିବା ବେଳେ ଗୌତମ ଗ୍ରାମରେ ରହି କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଥିଲେ । ବୁଧବାର ଅପରାହ୍ନରେ ରାସ୍ତାରେ ଯାଉଥିବା ବେଳେ ଗାଡିଧକ୍କା ଦେବା ଯୋଗୁଁ ସଜ୍ଞାହୀନ ହୋଇ ପଡିଥିଲେ । ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ସଦର ବିଜେଡ଼ିର ରକ୍ତଦାନ ଶିବିର




ବାଲେଶ୍ୱର,(ସବ୍ୟୁ): ବିଜୁ ଜନତାଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବାଲେଶ୍ୱର ସଦର ବିଜେଡ଼ି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଷ୍ଟେସନକ୍ଲବ ପରିସରରେ ଆୟୋଜିତ ଏହି ଶିବିରକୁ ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଆୟୋଜିତ ଶିବିରରେ ସମ୍ମାନୀତ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୧୨୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ରଂଜନ ବାଗ , ପୌର ଉପାଧକ୍ଷ କୈଳାଶ ଚନ୍ଦ୍ର ସେଠୀ, ଜିଲ୍ଲା ଏସିସେଲ ସଭାପତି ଶତ୍ରୁଘନ ମଲ୍ଲିକ, ଯୁବ ବିଜେଡ଼ି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜଙ୍କ ସମେତ ଧିରେନ ନାୟକ, ବିଭୁଦତ୍ତ ପରିଡ଼ା, ଦୀପାରାଣୀ ସାହୁ, ମୀନା ମହାନ୍ତି, ସନତ ଦାସ, କବିତା ମୁର୍ମୁ, ମିରାଜ ବାନୋ, ସନ୍ଧ୍ୟାରାଣୀ ଜେନା, ସବିତା ରାଣୀ ଦାସ, ଶଶୀରେଖା ମହାନ୍ତି, ଶେଖ ଆୟୁବ୍, କାର୍ତ୍ତିକ ଚନ୍ଦ୍ର ସାହୁ, ସାକିର ଖାନ, ବିଶ୍ୱଜିତ ମହାପାତ୍ର, ସଞ୍ଜୟ ବେହେରା, ଅଶୋକ ଦାସ, ଅଶୋକ ଆଡ୍ୟ, ରାଜଲକ୍ଷ୍ମୀ ଚାଟାର୍ଜୀଙ୍କ ସହ ବହୁ ସରପଞ୍ଚ, ସମିତି ସଭ୍ୟ ଏବଂ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । )

# ମୋବାଇଲ ଲୁଟି ୪ ଗିରଫ

ସୋର, (ସବ୍ୟୁ) :ବୁଧବାର ସୋର ଥାନା ମୁଗୁନିପୁର ଛକ ନିକଟରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ନିକଟରୁ ଏକ ମୋବାଇଲ ଲୁଟ୍ ଘଟଣାରେ ପୁଲିସ ଜଣେ ନାବାଳକ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ମଙ୍ଗଳବାର ମଧ୍ୟାହ୍ନରେ ଏଚଡିଏଫସି ବ୍ୟାଙ୍କରେ କାର୍ଯ୍ୟରତ ଗନ୍ଧିଣା ଗ୍ରାମର ରଶ୍ମିରଂଜନ ମହାପାତ୍ର ବ୍ୟାଙ୍କ କାମରେ ସନ୍ତରାଗଡ଼ିଆ ଯାଇ ବାଇକରେ ଫେରୁଥିଲେ। ମୁଗୁନିପୁର ଛକ ନିକଟରେ ତାଙ୍କର ଏକ ଫୋନ୍କଲ ଆସିବାରୁ ରଶ୍ମି ମୋବାଇଲ ଫୋନରେ କଥା ହେଉଥିଲେ। ଏହି ସମୟରେ ଏକ ପଲସର ବାଇକରେ ତିନି ଜଣ ଯୁବକ ଆସି ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ଆକ୍ରମଣ କରି ତାଙ୍କ ନିକଟରୁ ମୋବାଇଲ ଫୋନଟିକୁ ଛଡ଼ାଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଖବରପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ତିନି ଜଣଙ୍କୁ ଥାନାରେ ଅଟକ ରଖିଥିଲେ। ଏ ବାବଦରେ ରଶ୍ମି ଥାନାରେ ଅଭିଯୋଗ କରିବା ପରେ ପୁଲିସ ୮୬୦/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।ତଦନ୍ତ ପରେ ଥାନାରେ ଅଟକ ଥିବା ପଢୁଆଁ ଗ୍ରାମର କୁଞ୍ଜବିହାରୀ ମହାଳିକ (୨୧), କ୍ଷୀରକୋଣୀ ଗ୍ରାମର ସିପୁନ ମହାଳିକ (୧୯) ଏବଂ ଖଣ୍ଡାସାହି ଗ୍ରାମର ନାବାଳକକୁ ଗିରଫ କରିଥିଲେ। ବୁଧବାର ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ନାବାଳକକୁ ବାଲେଶ୍ୱର ଏବଂ ଅନ୍ୟ ଦୁଇ ଜଣଙ୍କୁ ସୋର କୋର୍ଟକୁ ଚାଲାଣ କରିଛନ୍ତି।ଛପୁଲିସ ସେମାନଙ୍କ ନିକଟରୁ ମୋବାଇଲକୁ ଜବତ କରିଛି।ସେହିପରି ସାର ଥାନା ଅଭଣା ହାଟରୁ ମଙ୍ଗଳବାର ଅପରାହ୍ନରେ ଏକ ମୋବାଇଲ ଚୋରି ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ଅନନ୍ତପୁର ଫାଣ୍ଡି ପୁଲିସ। ଅଭିଯୋଗ ଅନୁସାରେ ବାହାନଗା ବ୍ଲକ ଦେବେନ୍ଦ୍ରପୁର ଗ୍ରାମର ପଞ୍ଚାନନ ନାୟକ ମଙ୍ଗଳବାର ଅପରାହ୍ନରେ ଅଭଣା ହାଟକୁ ପରିବା କିଣିବାକୁ ଆସିଥିଲେ।ସେଠାରେ ପରିବା କିଣୁଥିବା ସମୟରେ ତାଙ୍କ ସାର୍ଟ ପକେଟରେ ଥିବା ତାଙ୍କ ମୋବାଇଲ ଟିକୁ ଭଦ୍ରକ ଜିଲ୍ଲା ଧାମନଗର ଥାନା ନୂଆପଡା ଗ୍ରାମର ଦିପୁନ ଦାସ (୧୯) ଚୋରି କରିନେଇଥିଲେ।ଫଳରେ ପଞ୍ଚାନନ ସ୍ଥାନୀୟ ଲୋକଙ୍କ ସହାୟତାରେ ଦିପୁନ କୁ କାବୁ କରି ଅନନ୍ତପୁର ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାକୁ ସୋର ଥାନାରେ ଅଟକ ରଖିଥିଲେ। ଏ ବାବଦରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୮୬୨/୨୪ ରେ ଏକ ମାମଲା ରୁଜୁ କରି ଦିପୁନକୁ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।

# ରେଙ୍ଗାଲିରେ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ



ରେଙ୍ଗାଲି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓ ଗ୍ରାମରେ ମା ଲକ୍ଷ୍ମୀଙ୍କ ପୂଜା ଆଜି ଠାରୁ ଆରମ୍ଭ ହୋଇଛି । ରେଙ୍ଗାଲି ପ୍ରକଳ୍ପ ଲକ୍ଷ୍ମୀ ବଜାର ବଣିକ ସଂଘ ପକ୍ଷରୁ ଦିନ ୭ ଟାରେ ବଣିକ ସଙ୍ଘର ବ୍ୟବସାୟୀମାନେ କଳସ ଯାତ୍ରାରେ ଲକ୍ଷ୍ମୀ ମଣ୍ଡପଠାରୁ ବାହାରି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ଆଣି ପୁରୋହିତଙ୍କ ମନ୍ତ୍ରପାଠ ସହ ଘଣ୍ଟଘଣ୍ଟା ବାଜା, ବାଣ, ଶଙ୍ଖ ଧ୍ୱନି ମଧ୍ୟରେ ବଜାର ପରିକ୍ରମା କରି ପୂଜାମଣ୍ଡପ ଠାରେ ପହଁଚିଥିଲେ । ସେଠାରେ ବ୍ରାହ୍ମଣଙ୍କ ମନ୍ତ୍ରପାଠ ସହ ମା ଗଜଲକ୍ଷ୍ମୀଙ୍କର ପୂଜା ଆରମ୍ଭ ହୋଇଥିଲା । ସେହିପରି ପ୍ରକଳ୍ପସ୍ତ ନୂଆ ବସଷ୍ଟାଣ୍ଡ, ହାତିଆଦଣ୍ଡା କଲୋନୀ ଠାରେ ମଧ୍ୟ ଆକର୍ଷଣୀୟ ପୂଜାମଣ୍ଡପରେ ମାଙ୍କର ପୂଜାର୍ଚ୍ଚନା ଚାଲିଛି । ସାରା ରାଜ୍ୟରେ ମାନବ କଳାକୁଞ୍ଜ ପାଇଁ ଖ୍ୟାତିଲାଭ କରିଥିବା ରେଙ୍ଗାଳି ଗ୍ରାମ ଗଜଲକ୍ଷ୍ମୀ ପୂଜା ଏଥର ବେଶ ଧୁମଧାମରେ ପାଳନ କରୁଥିବା ଜଣାପଡିଛି । ଗ୍ରାମର ବିଭିନ୍ନ ୮ ଟି କ୍ଲବ ପକ୍ଷରୁ ଆକର୍ଷଣୀୟ ପୂଜାମଣ୍ଡପ ସାଙ୍ଗକୁ ସୁଉଚ୍ଚ ତୋରଣ ତିଆରି କରାଯାଇଛି । ସମଗ୍ର ଗ୍ରାମ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇଛି । ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଥିବା ପୂଜାମଣ୍ଡପ ଗୁଡିକର ପାର୍ଶ୍ୱ ଦେବାଦେବୀ ଏଠାରେ ମାନବଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ସନ୍ଧ୍ୟାରୁ ମଧରାତ୍ରି ପର୍ଯ୍ୟନ୍ତ ଗ୍ରାମର ଲୋକମାନେ ବିଭିନ୍ନ ବେଶଭୁଷାରେ ଚିତ୍ରିତ ହୋଇ ପୂଜାମଣ୍ଡପର ପାର୍ଶ୍ ଦେବାଦେବୀ ପରି ଷ୍ଟାଚ୍ୟୁ ହୋଇ ଛିଡା ହୋଇ ରହିଥାନ୍ତି । ଏହି କଳାକୃତି ଦେଖିବାକୁ ବହୁ ଦୂର ଦୁରାନ୍ତରୁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥାଏ । ଆଜି ମଧ୍ୟାହ୍ନରେ ପୂଜା ମଣ୍ଡପ ଗୁଡ଼ିକ ପକ୍ଷରୁ ମା ଙ୍କର ପୂଜାନୀତି ସଂପନ୍ନ ହୋଇଥିବା ବେଳେ ଗ୍ରାମର ବିଭିନ୍ନ କ୍ଲବ ପକ୍ଷରୁ ପ୍ରତିଯୋଗୀତାମୂଳକ ଭାବେ ସୁଉଚ ତୋରଣ ସାଙ୍ଗକୁ ଝଲମଲ ଆଲୋକମାଳା ଏବଂ ଅନୁକୂଳ ପାଗ ଯୋଗୁଁ ଏହାକୁ ଦେଖିବାକୁ ପ୍ରବଳ ଜନସମାଗମ ହେବ ବୋଲି ଆଶା କରାଯାଉଛି । ଜନସମାଗମ ବୃଦ୍ଧିକୁ ଦୃଷ୍ଟିରେ ରଖି ରେଙ୍ଗାଳି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଆଇଆଇସି ଜୟନ୍ତ ମହାନ୍ତି ପ୍ରକାଶ କରିଛନ୍ତି ।

# ଗଛରେ ପିଟିହେଲା ଯାତ୍ରୀବାହୀ ବସ, ୨ ଗୁରୁତର



ଢେଙ୍କାନାଳ, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରିବହନ ବିଭାଗରେ ସବୁକିଛି ହୋଇପାରେ। ଯାତ୍ରୀଙ୍କ ଜୀବନକୁ ବାଜି ଲଗାଇ ପରିବହନ ଅଧିକାରୀ ଫିଟନେସ,ବୀମା,ପ୍ରଦୁ୍ୟଷଣ ପ୍ରମାଣପତ୍ର ନଥିବା ବେଳେ ସେହି ଗାଡିକୁ ଯାତ୍ରୀ ପରିବହନ ପାଇଁ ଅନୁମତି ଦେଉଥିବାରୁ ଅକାଳରେ ନିରୀହ ଜୀବନ ସହିତ ଖେଳ ଖେଳାଯାଉଛି। ଏଭଳି ଏକ ଦୁର୍ଘଟଣାରେ ଦୁଇ ମହିଳା ଗୁରୁତର ଆହତ ହୋଇ ଚିକିତ୍ସିତ ହେବା ପରେ ସତ ସମ୍ନାକୁ ଆସୁଛି। ପ୍ରକାଶ ଥାଉ ଯେ ବୁଧବାର ଅପରାହ୍ନ ସାଢେ ୪ଟା ସମୟରେ ଗଁଦିଆରୁ ଏକ ଯାତ୍ରୀ ବାହୀ ବସ ନଂ ଓଆର ୦୫ଏଏମ୍-୬୩୫୫ରେ ଯାତ୍ରୀମାନଙ୍କୁ ନେଇ ଢେଙ୍କାନାଳ ସହରକୁ ଆସୁଥିଲା। ବସ୍‌ଟି ଗଁଦିଆରୁ ଆସୁଥିବା ବେଳେ କପିଳାସ ଢେଙ୍କାନାଳ ରାସ୍ତାର ଦତ୍ତାତ୍ରୟ ଆଶ୍ରମ ନିକଟରେ ଥିବା ରାସ୍ତାପାର୍ଶ୍ୱ ଗଛକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା।ଫଳରେ ବସ୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ବେଳେ ଗଁଦିଆ ଥାନା ପାରିଖେଦା ଗ୍ରାମର ବିମ୍ବାଧର ନାଏକଙ୍କ ପତ୍ନୀ ବିନୋଦିନୀ ନାଏକ(୫୦)ଓ ଗଁଦିଆ ପୋରୁହୋଖାଜ ଗ୍ରାମର କଳ୍ପନା ମହାରଣା(୩୦)ଙ୍କ ମୁହଁରେ କାଚ ଭାଙ୍ଗି ପଶିଯାଇଥିଲା।। ଏହି ଦୁର୍ଘଟଣାରେ ଅନ୍ୟ ଯାତ୍ରୀମାନେ ମଧ୍ୟ ଆହତ ହୋଇଥିବାର ଜଣାପଡିଛି। ଦୁର୍ଘଟଣା ଦେଖି ସେଠାରେ ଥିବା ଲୋକମାନେ ଯାତ୍ରୀମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ କଳ୍ପନାଙ୍କ ପ୍ରାଥମିକ ଚିକିତ୍ସାପରେ କଟକ ସ୍ଥାନାନ୍ତର କରାଯାଇଥିବାର ଜଣାପଡିଛି। କଳ୍ପନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଚେତାଶୂନ୍ୟ ହୋଇପଡିଛନ୍ତି। ଖବରପାଇ ପୋଲିସ ଘଟଣା ସ୍ଥଳରେ ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ଜିଲ୍ଲା ପରିବହନ ବିଭାଗର ଖାମଖିଆଲ ନିତୀଯୋଗୁ ଜିଲ୍ଲାରେ ବହୁ ବସ,ଟାଟା ଏସି ଭଳିଗାଡି ବିନା ଫିଟନେସରେ ଚାଲୁଥିବାର ଜଣାପଡିଛି। ଏଭଳି ପରିସ୍ଥିତିରେ ପରିବହନ ବିଭାଗ କଣ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ କେତେକ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ବସ ଏବଂ ଟାଟା ଏସି ମାଲିକ ମାନେ ଗାଡି ଚଳାଇ ଯାତ୍ରୀମାନଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ଗଜଲକ୍ଷ୍ମୀ ପୂଜା ଅବସରରେ ବହୁ ଗାଡି ଫିଟନେସ,ବୀମା ଏବଂ ପ୍ରଦୁଷଣ ପ୍ରମାଣ ପତ୍ର ନଥାଇ ଚାଲିବାର ସମ୍ଭାବନା ଥିବା ବେଳେ ପରିବହନ ବିଭାଗ ଏଥି ପ୍ରତି ଦୃଷ୍ଟିଦେବାକୁ ଦାବୀ ହୋଇଛି।

# କଣିହାଁରେ ବିଭିନ୍ନ ଗ୍ରାମରେ ଦଶହରା ମହୋତ୍ସବ

କଣିହାଁ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ଦଶହରା ଅନୁଷ୍ଠିତ ହୋଇଯାଇଛି । ସୋମବାର ଗୁଣ୍ଡୁରିନାଳୀ ଗ୍ରାମରେ ପବିତ୍ର ବିଜୟା ଦଶମୀ ଉପଲକ୍ଷେ ଦଶହରା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦୁର୍ଗା ମା'ଙ୍କ ପୀଠରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରି ଏକ ବିରାଟ ପଟୁଆରରେ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ନିଜର କଳା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମର କ୍ଷତ୍ରିୟ କୂଳବଧୂ ମାନେ ବିଭିନ୍ନ ଗ୍ରାମରୁ ଆସିଥିବା କ୍ଷତ୍ରିୟ ମାନଙ୍କୁ ପୂଜାର୍ଚ୍ଚନା କରି ବନ୍ଦାପନା କରିଥିଲେ। ଗ୍ରାମର ମେଳଣ ପଡିଆ ଠାରେ ଏକତ୍ରିତ ହୋଇ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା । ବିଭିନ୍ନ ଖେଳକୁ ଶିକ୍ଷକ ମାୟାଧର ସାମଲ, କୁଳମଣି ସାମଲ ଓ ଭରତ ବେହେରା ପରିଚାଳନା କରିଥିଲେଛ କୃତି ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଗ୍ରାମର ବୀଣାପାଣି ମଣ୍ଡପ ଠାରେ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ଅତିଥି ଭାବରେ ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର କଣିହାଁ ବ୍ଲକ ଉପ ସଭାପତି ଅଙ୍ଗଦ ସାମଲ, ସହ ସମ୍ପାଦକ ବାଙ୍କନିଧି ସାମଲ, ଜରଡା ପଞ୍ଚାୟତ ଦଳପତି ବ୍ରଜବନ୍ଧୁ ସାମଲ, ପୂର୍ବତନ ଗ୍ରାମ୍ୟ ସଭାପତି ଛବିଳ ଭୂତିଆ, ଗକୁଳି ସାମଲ,ବିଦ୍ୟାଧର ସାମଲ,ସାମ୍ବାଦିକ କଷ୍ଟ ଚରଣ ସାମଲ ,ନୀଳକଣ୍ଠ ବେହେରା ,ଅଲେଖ ଭୁତିଆ ,ଶିଶିର କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମ ସମ୍ପାଦକ ବାପୁଜୀ ସାମଲ ଓ ବିଜୟ ସାମଲ ,ଅମୂଲ୍ୟ ସାମଲ, ଜହର ସାମଲ, ପ୍ରବିଣ କୁମାର ଭୁତିଆ,ଛବିଳ ସାମଲ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏଥି ସହିତ ରାତ୍ରି ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସେହିପରି ବିଜୟା ଦଶମୀରେ ବ୍ଲକର ଜମାନିଆ, ଗୋଇଲାଣ୍ଡ, ଡେରେଙ୍ଗ, କୁଲେଇ, ବାରୁଆଁ ଦଣ୍ଡସିଂହା ବଲାଙ୍ଗି ଆଦି ଗ୍ରାମରେ ମା ଦୁର୍ଗାଙ୍କୁ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି କ୍ଷତ୍ରିୟ ମାନଙ୍କ ଦ୍ୱାରା ପାରମ୍ପରିକ ପାଇକ ଖେଳ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

# କାର୍ତ୍ତିକେଶ୍ୱର ପୂଜା ପାଇଁ ପ୍ରସ୍ତୁତି ବୈଠକ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ଠାରେ ହେବାକୁ ଥିବା କାର୍ତ୍ତିକେଶ୍ୱର ପୂଜା ପାଇଁ ମଙ୍ଗଳବାର ଦିନ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସର ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ସଭାପତି ରାଜ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରାମର ଉପ ସଭାପତି ଅରବିନ୍ଦ ସାହୁ , ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା , ଜିତେନ୍ଦ୍ର ବେହେରା , ଜଗ୍ନେଶ୍ୱର ସାହୁ , ଗିରିଶ ଚନ୍ଦ୍ର ବେହେରା , ଶୁଭେନ୍ଦୁ ମୋହନ ସାହୁ , ଉଗ୍ରେସନ ସେଠୀ , ଅମିୟ ମିଶ୍ର , ସଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କିଭଳି କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା କରାଯିବା ସହ ସଂସ୍ସୃତିକ କାର୍ଯକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା କରାଯାଇଥିଲା ।

# ପୂଜା ମଣ୍ଡପ ବୁଲିଲେ ବିଜେପି ନେତା

ଆଠମଲ୍ଲିକ, (ସବ୍ୟୁ) : ଭାରତୀୟ ଜନତା ପାର୍ଟି ର ଅନୁଗୁଳ ଜିଲ୍ଲା ଉପସଭାପତି ତଥା ଅଞ୍ଚଳର ସମାଜସେବୀ ଅର୍ଜୁନ କୁମାର ସାହୁ ପବିତ୍ର ବିଜୟା ଦଶମୀରେ ଆଠମଲ୍ଲିକ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀ ମନ୍ଦିର, ଦୁର୍ଗା ବଜାର ସ୍ଥିତ ଦୁର୍ଗା ମଣ୍ଡପ, ଲକ୍ଷ୍ମୀ ନାରାୟଣ ବଜାର ସ୍ଥିତ ଦୁର୍ଗା ମଣ୍ଡପ, ଚଉରାଶୀ ଅଞ୍ଚଳ ର କନ୍ଧପଡା ଦୁର୍ଗା ପୂଜା, ବାମୁର ଦୁର୍ଗା ପୂଜା, ଡେବେରା ପାଲି, ରାଣୀ ବନ୍ଧ, ବଇଣ୍ଡା, ଅନ୍ତୁଳିଆ ସମେତ ଆଠମଲ୍ଲିକ ମଣ୍ଡଳୀର ବହୁ ଦୁର୍ଗା ମଣ୍ଡପ କୁ ଜାଇ ମାଙ୍କ ଦର୍ଶନ କରିବା ସହିତ କମିଟି କର୍ମକର୍ତ୍ତାଙ୍କ ସହ ମିଶି ଆଲୋଚନା କରିଥିଲେ । ସେହିପରି ଭାବରେ ଦୁର୍ଗା ବଜାର ପରିସରରେ ଅନୁଷ୍ଠିତ ଭଜନ ସମାରୋହରେ ମୁଖ୍ୟ ଅତିଥି ଭାବେ ଶ୍ରୀ ସାହୁ ଯୋଗଦେଇ ଭଜନ ସନ୍ଧ୍ୟାକୁ ଉଦଘାଟନ କରିଥିଲେ । ତାଙ୍କର ଗସ୍ତ ସମୟରେ ବହୁ ଶୁଭେଚ୍ଛୁ ସାଙ୍ଗରେ ସାମିଲ ହୋଇଥିଲେ ।

# ଜନ୍ତୁ ଶିକାର ପାଇଁ ବେଆଇନ ହୁକିଂ
# ଜଣେ ଗିରଫ, ୨ ଫେରାର



କଣିହାଁ,(ସବ୍ୟୁ) : କଣିହାଁ ବନାଞ୍ଚଳ ରେଙ୍ଗାଳି ଥାନା ଅନ୍ତର୍ଗତ ନାକଟିଦେଉଳ ଯାତ୍ରା ପଡିଆ ପାଖରୁ ଜଙ୍ଗଲ ଭିତରେ ଜନ୍ତୁ ଶିକାର ପାଇଁ ବେଆଇନ ହୁକିଙ୍ଗ କରିଥିବା ନେଇ ବନବିଭାଗ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବେଳେ ୨ଜଣ ଫେରାର ଥିବା ଜଣାଯାଇଛି । ଅଭିଯୁକ୍ତ ଜଣକ ହେଲେ ନାକଟିଦେଉଳ ଗ୍ରାମର ରମେଶ ପ୍ରଧାନ । ସୋମବାର ରାତି ୧୦ଘଟିକା ସମୟରେ ବନବିଭାଗ ଚଢ଼ାଉ କରି ଜଙ୍ଗଲରୁ ୫କେଜି ଜିଆଇ ତାର, ୯୦ କାଠ ବାଡି, ବୋତଲ ଇତ୍ୟାଦି ଜବତ କରାଯାଇଛି । କଣିହାଁ ବାନାଞ୍ଚଳ ଅଧିକାରୀ ଏସିଏଫ ନିଳମଣି ଦେହୁରୀଙ୍କ ନେତୃତ୍ୱରେ ରେଙ୍ଗାଳି ଖିଣ୍ଡୋ ବିଟ ହାଉସ ଅଧିକାରିଣୀ ସୁପ୍ରଭା ସ୍ୱାଇଁ ଓ କର୍ମଚାରୀ ଚଢ଼ାଉ କରି ଉକ୍ତ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ ।

# କୋଲକରିଡ଼ର ରାସ୍ତାରେ ଦୁର୍ଘଟଣା : ଚାଳକ ମୃତ

ତାଳଚେର, (ସବ୍ୟୁ) : ତାଳଚେର ଲିଙ୍ଗରାଜ କୋଇଲା ଖଣି ନିକଟରେ ରହିଥିବା କୋଲକରିଡ଼ର ରାସ୍ତାରେ ଦୁର୍ଘଟଣା ଘଟି ଆଜି ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ଏହି ରାସ୍ତାରେ ପ୍ରାୟ ଏକମାସ ପୂର୍ବରୁ ଜଣକର ଜୀବନ ଯାଇଥିବା ବେଳେ ଆଜି ଏହାର ପୁନରାବୃତି ଘଟିଥିବା ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଟ୍ରକ ଅନୁଗୋଳ ଜିଲ୍ଲା ଜରପଡ଼ା ଗ୍ରାମର କୁନା ନାଏକ (୩୮)ଙ୍କୁ ଧକ୍କାଦେଇ ଘଟଣା ସ୍ଥଳରୁ ଟ୍ରକଟି ଫେରାର୍ ହୋଇଯାଇଥିବା କୁହାଯାଉଛି। ତେବେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଖଣି କର୍ତ୍ତୃପକ୍ଷ କେହି ହେଲେ ସେଠାକୁ ପଂହଚି ନଥିବା ତାଙ୍କ ପରିବାର ଲୋକ ଏହା ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ନିଯୁକ୍ତି ଓ ଖଣିରେ ଦୁର୍ଘଟଣା ଜନିତ ମୃତ୍ୟୁକାଳୀନ ସହାୟତା ରାଶି ନିମନ୍ତେ ଶବରଖି ଧାରଣାରେ ବସିଛନ୍ତି। ଘଟଣା ସ୍ଥଳରେ ତାଳଚେର ପୋଲିସ୍ ଓ ବିଧାୟକ ବ୍ରଜ କିଶୋର ପ୍ରଧାନ ପଂହଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଖବର ଲେଖା ହେଲା ବେଳକୁ ସର୍ବିଶେଷ ତଥ୍ୟ ଜଣାପଡ଼ି ନାହିଁ।

# ହିନ୍ଦୋଳରେ ଗଜଲକ୍ଷ୍ମୀ ପୂଜା
# ୧୪ ଟି ପୂଜା ମଣ୍ଡପରେ ମା' ଧନଦାତ୍ରି

ହିନ୍ଦୋଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଗଣ ପର୍ବ ମା ଗଜଲକ୍ଷ୍ମୀଙ୍କ ପୂଜା ଆଜି ଠାରୁ ହିନ୍ଦୋଳ ଏନ୍ ଏ ସି ସମେତ ବିଭିନ୍ନ ସ୍ଥାନରେ ନୀତକାନ୍ତିରେ ଆରମ୍ଭ ହୋଇଥିବା ବେଳେ ଏନ୍ ଏ ସି ର ୧୪ଟି ପୂଜା ମଣ୍ଡପ ସମେତ ରାସୋଳର ୪ଟି ପୂଜା ମଣ୍ଡପରେ ବିରାଜିଛନ୍ତି ମା ଧନ ଦାତ୍ରି । ପୂଜା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରାଯାଇ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରାୟ ପ୍ରତ୍ୟେକ ସାହି ଓ ବଜାର ଗୁଡ଼ିକ ରଙ୍ଗିନ ଆଲୋକମାଳାରେ ଝଟକୁ ଥିବା ଦେଖାଯାଉଛି । ଏନ୍ ଏ ସି ଅଞ୍ଚଳ ଏଠି ପାଇଁ ଉତ୍ସବମୁଖର ହୋଇ ଉଠିଥିବା ବେଳେ ଆବାଳ ବୃଦ୍ଧବନିତାଙ୍କ ମନରେ ଆନନ୍ଦ ଭରି ଯାଇଛି । ଆଜି କୁମାର ପୂର୍ଣ୍ଣମୀ ଉପଲକ୍ଷେ ସଂନ୍ଧ୍ୟା ପରଠାରୁ ସମସ୍ତ ପୂଜା ପ୍ରତିଷ୍ଠାନ କଳସଯାତ୍ରା ସମ୍ପାଦନ କରିବା ପରେ ମଣ୍ଡପରେ ଘଟ କଳସ ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ମା ଗଜଲକ୍ଷ୍ମୀଙ୍କୁ ବିଭିନ୍ନ ମଣ୍ଡପରେ ଭିନ୍ନ ଢ଼ଙ୍ଗରେ ସଜାଇ ଶୁଶୋଭିତ କରାଇଛନ୍ତି । ବସଷ୍ଟାଣ୍ଡ ବଜାର ପୂଜା କମିଟି, ଲକ୍ଷ୍ମୀବଜାର ପୂଜା କମିଟି, ମେଡ଼ିକାଲ ଛକ, କଳ୍ପନା ବଜାର (ଶାନ୍ତ ସାହି) , ମୀରା ବଜାର, କାରିଗର ସାହି, ନୂତନ ପାଟଣା କ, ଖ, ଗ, ବନମାଳୀପୁର ଛକ, ଧୂଳିଆ ମୁଣ୍ଡା ସାହି, ଚମ୍ପତି ସାହି, ରାଧାନାଥପୁର, ଗୋପାଳପୁର, ବାଙ୍କୁଆଳ ମୁଣ୍ଡହତା ଆଦି ୧୪ଟି ସାହି ଓ ପୂଜା ମଣ୍ଡପରେ ମା ଲକ୍ଷ୍ମୀ । ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇ ପୂଜା ସମୟରେ ଦୃତଗତିରେ ଗାଡି ଚାଳନା ଉପରେ ଅଙ୍କୁଶ ଲଗାଇବାକୁ ସ୍ଥାନୀୟ ପୋଲିସ ସହାୟତା ଲୋଡା ଯାଇଥିଲା । ସେହିଭଳି ୨୪ ଘଣ୍ଟିଆ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ସଜାଗ ରହିବାକୁ ପରାମର୍ଶ ଦିଆ ଯାଇଥିଲା । ଅପରାଧ ନିୟନ୍ତ୍ରଣ ପାଇଁ ସନ୍ଧ୍ୟା ପରଠାରୁ ମଧ୍ୟ ରାତ୍ର ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ ପୋଲିସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ପରବର୍ତ୍ତୀ ସମୟରେ ଆଇନଶୃଙ୍ଖଳା ରକ୍ଷା ଦିଗରେ ସହଯୋଗ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପୂଜା ପ୍ରତିଷ୍ଠାନର କମକର୍ତ୍ତାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ର୍ନିଦ୍ଧାରିତ ସୂଚନା ଅନୁଯାୟୀ ପୂଜା ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ପରେ ୨୫ ତାରିଖ ଦିନ ସମସ୍ତ ମେଢ଼ ଗୁଡ଼ିକ ମେଳଣରେ ଯାଇ ବିସର୍ଜନ କରିବେ ବୋଲି ଧାର୍ଯ୍ୟ ହୋଇଛି । ପୂଜା ପାଇଁ ପ୍ରତ୍ୟେକ ବଜାର ରାସ୍ତା ପାର୍ଶ୍ୱରେ ଫାଷ୍ଟ ଫୁଡ୍ ଦୋକାନ ଗୁଡ଼ିକ ପସରା ମେଲେଇ ବସିଲେଣି । ମନୋହରୀ ଦୁକାନ, ଦୋଳି ରେ ପିଲାମାନେ ଗହଳି ଲଗାଇବାର ଦେଖା ଗଲାଣି । ପାଗ ଅନୁକୂଳ ଥିବାରୁ ଏଥର ପୂଜା ବଜାର ଗହଳି ଲାଗିବ ବୋଲି ଅନୁମାନ କରାଯାଉଛି ।

# ତାଳଚେରରେ କୁଆଁର ପୂର୍ଣ୍ଣିମା ଉତ୍ସବ ପାଳିତ

ତାଳଚେର, (ସବ୍ୟୁ) : ତାଳଚେର ସହର ଠାରୁ ଆରମ୍ଭ କରି ଗ୍ରାମଚଂଳ ଗୁଡ଼ିକରେ କୁଆଁରୀ କନ୍ୟାମାନେ ବଡ଼ଧୂମଧାମ ସହକାରେ ଜହ୍ନିଓଷା ବ୍ରତ ପାଳନ କରିଥାନ୍ତି। ୧୮ ତାରିଖ ଭାଦ୍ରବମାସ କୃଷ୍ଣପକ୍ଷ ପ୍ରତିପଦା ଠାରୁ କୁଆଁରୀମାନେ ନିଜର ଅଭିଳାଷ ପୂର୍ଣ୍ଣ ପାଇଁ ବୃନ୍ଦାବତୀଙ୍କ ନିକଟରେ ଜହ୍ନିଫୁଲ ଦେଇ ପ୍ରାୟ ଏକମାସ ଧରି ଏହି ବ୍ରତ ପାଳନ କରିଥାନ୍ତି। ଜହ୍ନିଓଷାର ଶେଷଦିନ ଅର୍ଥାତ୍ ଆଶ୍ୱିନମାସ ଶୁକ୍ଳପକ୍ଷ ଚର୍ତ୍ତୁଦଶୀ କୁମାରପୂର୍ଣ୍ଣିମା ତିଥିରେ କୁଆଁରୀ କନ୍ୟାମାନେ ନୂତନବସ୍ତ୍ର ଧାରଣ କରି ଏହି ପୂର୍ଣ୍ଣିମା ଉତ୍ସବକୁ ପାଳନ କରିଥାନ୍ତି। ସକାଳୁ କୁମାରୀମାନେ ଶୁଦ୍ଧପୁତଭାବେ ମନ୍ଦିର ଦର୍ଶନ କରି ସନ୍ଧ୍ୟା ସମୟରେ ଏକତ୍ରିତ ହୋଇ ମା'ବୃନ୍ଦାବତୀଙ୍କ ନିକଟରେ ଶଙ୍ଖ, ଘଂଟା, ଘଂଟା, ହୁଳହୁଳି ଦେଇ ଲିଆ ଅର୍ପଣକରି ପୂର୍ଣ୍ଣ ଜହ୍ନ ଦୃଶ୍ୟମାନ ହେବାପରେ କୁଆଁର ପୁନେଇ ଜହ୍ନ ଗୋ ଫୁଲ ବଉଳବେଣୀ......ଗୀତ ଗାଇ ଏହି ଉଦଯାପନୀ ଦିବସଟିକୁ ଧୁମଧାମରେ ପାଳନ କରିଥାନ୍ତି। କୁଆଁରୀମାନେ ପରମ୍ପରା ଅନୁଯାୟୀ ବିରି ଚକୁଳି, କାକରା ଖାଇବା ସହ ଠାଏ ଠାଏ ନାଚ, ଗୀତର ଆସର ଦେଖିବାକୁ ମିଳିଥାଏ। ତେଣୁ ସହର ଠାରୁ ଗ୍ରାମାଚଂଳ ପର୍ଯ୍ୟନ୍ତ ନାରୀମାନଙ୍କ ମଧ୍ୟରେ ଏକ ଆଧାତ୍ମିକ ପରିବେଶ ସହ ଖୁସିର ମାହେଲ ଖେଳାଇ ଦେଇଥାଏ।

# ସାଇଲୋରେ ନିଯୁକ୍ତି ପାଇଁ ଶିକ୍ଷିତ ବେକାର ଯୁବକ ହତାଶ

ତାଳଚେର, (ସବ୍ୟୁ) : ତାଳଚେର କୋଇଲା ଖଣି ଲିଙ୍ଗରାଜ, ଭୁବନେଶ୍ୱରୀ ଓ ଭରତପୁର କୋଇଲା ଖଣିରେ ଥିବା ସାଇଲୋ ଗୁଡ଼ିକରେ ସ୍ଥାନୀୟ ବେକାର ଶିକ୍ଷିତ ଯୁବକକୁ ନିଯୁକ୍ତି ନମିଳିବାରୁ ବାରମ୍ବାର ଆନ୍ଦୋଳନ କରିଆସୁଥିଲେ ମଧ୍ୟ ଏହାର ଫଳଶୂନ ବୋଲି ଶୁଣାଯାଉଛି। କେବଳ ପ୍ରତିଶ୍ରୁତି ଦେଇ ସମସ୍ୟାକୁ ଝୁଲାକୁ ରଖୁଥିବା ଅଭିଯୋଗ ହେଉଛି। କୋଇଲା ଖଣିରୁ ରେଳଯୋଗେ ଅଧିକ କୋଇଲା ପରିବହନ ପାଇଁ ଖଣି ଗୁଡ଼ିକରେ ସାଇଲୋ ନିର୍ମାଣ କରାଯାଇଛି। ଏହି ସାଇଲୋ ଗୁଡ଼ିକରେ କ୍ଷତିଗ୍ରସ୍ତ ଓ ପ୍ରଭାବିତ ଅଂଚଳର ବେକାର ଯୁବକଙ୍କୁ ନିଯୁକ୍ତି ଦେବା ପରିବେର୍ତ ବାହାର ଲୋକଙ୍କୁ ହାତଗୁଞ୍ଜା ନେଇ ରଖାଯାଉଛି ବୋଲି ଅଭିଯୋଗ ହେଉଛି। ଖଣି ଗୁଡ଼ିକରେ ଅଧିକ ଶ୍ରମିକ ନେତା ରହିଥିଲେ ମଧ୍ୟ ଏଥିରେ କାହାର ଦରଦ ରହିନଥିବା ଯୋଗୁଁ ସ୍ଥାନୀୟ ଯୁବପିଢ଼ୀଙ୍କୁ ହତାଶ କରୁଥିବା କୁହାଯାଉଛି। ନେତାମାନେ କେବଳ ମନେପଡ଼ିଲେ ସାଇଲୋ ଗୁଡ଼ିକରେ ନିଜ କର୍ମୀ ମାନଙ୍କୁ ନେଇ ଦିନ ଅଧେ ହାଲାବୋଲ ଆନ୍ଦୋଳନ କରି ଆଖି ଦୃଶୁଣିଆ ଭାବେ ଯୁବମାନଙ୍କୁ ନିଜ ଆଡ଼କୁ ପ୍ରଭାବିତ କରି ବାହାବାହା ନେଉଥିବା କୁହାଯାଉଛି। ଏସମ୍ପର୍କରେ ଏମସିଏଲ ଅଧିକାରୀମାନେ କୁହନ୍ତିକି ଆମର ଟେଣ୍ଡର ପ୍ରକ୍ରିୟା ସରିଗଲା ପରେ ଏହି ସାଇଲୋରେ ନିଯୁକ୍ତି ଦେବା ଠିକାଦାରଙ୍କ ଉପରେ ନିର୍ଭରଶୀଳ, ତେଣୁ ଆମେ ସେଥିରେ ହସ୍ତକ୍ଷେପ କରିପାରୁବୁ ବୋଲି ସଫେଇ ଦେଇ ନିଜ ମୁଣ୍ଡର ଦୋଷ ହଟାଇ ନେଇଥାନ୍ତି। ଏଠାରେ ଉଲେ୍ଖ ଯୋଗ୍ୟ ଯେ, କେନ୍ଦ୍ର ସରକାର ଲୋକାଲ ଫର୍ ଭୋକାଲ ଓ ରାଜ୍ୟ ସରକାରଙ୍କ ସ୍ଥାନୀୟ ବେକାର ଯୁବପିଢ଼ୀଙ୍କୁ ଯୋଗ୍ୟତା ଅନୁଯାୟୀ ୯୦% ନିଯୁକ୍ତି ପ୍ରଦାନ କରିବାର ପାଇଁ ବ୍ୟବସ୍ଥା ଥିଲେ ହେଁ ଏଠାରେ ତାହା କେତେ ଦୂର ପାଳନ ହେଉଛି, କେବଳ ଧର୍ମକୁ ଆଖିଠାର ମାରିବା ସଦୃଶ୍ୟ ଅବସ୍ଥା ଉପୁଜୁଛି ବୋଲି ଚର୍ଚ୍ଚା ଯୋର ଧରିଛି। ତେବେ ଏହି ସାଇଲୋ ଗୁଡ଼ିକରେ କେବେ ଓ କିପରି ଖଣି କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ବେକାର ଶିକ୍ଷତ ଯୁବକଙ୍କୁ ନିଯୁକ୍ତି ମିଳୁଛି ତାହା ଦେଖିବା କେବଳ ବାକି ରହିଛି।

# ଦୁଇ ବାଇକ ଜବତ, ୨ ଗିରଫ

ଠାକୁରଗଡ଼ ,(ସବ୍ୟୁ) : ଠାକୁରଗଡ଼ ପୋଲିସ ସୋମବାର ସନ୍ଧ୍ୟା ରେ ଠାକୁରଗଡ଼ ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି । ଏଥିରେ ଉଭୟ ପାର୍ଶ୍ୱ ରୁ ଆସୁଥିବା ସମସ୍ତ ବାଇକ ଗୁଡିକ କାଗଜ ପତ୍ର ଯାଞ୍ଚ କରିବା ସହ ହେଲମେଣ୍ଟ ଯାଞ୍ଚ କରାଯାଇଥିଲା । ଏହି ସମୟ ରେ ମଦ୍ୟପାନ କରି ଦ୍ରୁତ ଗତି ରେ ବାଇକ ଚଲାଉଥିବା ଅଭିଯୋଗ ରେ ଆଠମଲ୍ଲିକ ଅଞ୍ଚଳର ରାଜୁ ମରେଇ ଓ ଅଖରକଟା ଅଞ୍ଚଳ ର ସୁନିଲ ପ୍ରଧାନଙ୍କୁ ଗିରଫ କରିଛନ୍ତି । ଏଥିସହ ତାଙ୍କ ବାଇକକୁ ଜବତ କରାଯାଇଛି । ସେମାନେ ମଦ୍ୟପାନ କରି ବାଇକ ଚଲାଉଥିଲେ। ଏ ନେଇ ନମ୍ବର ୨୨୯/୨୪ ଓ ୨୩୦/୨୪ ରେ ୨ ଟି ମାମଲା ରୁଜୁ କରିଛି ପୋଲିସ ।

# ପତ୍ନୀ ନିର୍ଯାତନା

ଠାକୁରଗଡ଼ ,(ସବ୍ୟୁ) : ଠାକୁରଗଡ଼ ଥାନା ପେଡିପଥର ଗ୍ରାମର ପଙ୍କଜିନୀ ନାୟକଙ୍କୁ ତାଙ୍କ ସ୍ୱାମୀ ଅନନ୍ତ ବାଘ ର୍ନିଯାତନା ଦେବା ସହ ମାଡ଼ ମାରୁଥିବା ପଙ୍କଜିନୀ ସୋମବାର ଦିନ ଠାକୁରଗଡ଼ ଥାନା ରେ ଅଭିଯୋଗ କରିଛନ୍ତି । ପୋଲିସ ତାଙ୍କ ଅଭିଯୋଗକୁ ଭିତକରି ନମ୍ବର ୨୨୮/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ କହିଛି ଯେ ୩ ବର୍ଷ ପୂର୍ବେ ପଙ୍କଜିନୀ ଅନନ୍ତଙ୍କୁ ଭଲ ପାଇ ବିବାହ କରିଥିଲେ । ତାଙ୍କର ଏବେ ଗୋଟିଏ ଝିଅ ଥିବା ବେଳେ ଅନନ୍ତ କିଛି ମାସ ହେବ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ର୍ନିଯାତନା ଦେଉଥିବା ଅଭିଯୋଗ ପତରେ ଉଲେଖ କରାଯାଇଛି ।

# ପାର୍ଲାମେଣ୍ଟ ଶ୍ରମ, ବସ୍ତ୍ର ଓ କୌଶଳ ବିକାଶ କମିଟିରେ ଯୋଗଦେଲେ ସାଂସଦ



ଅନୁଗୁଳ ,(ସବ୍ୟୁ) : ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଦିଲ୍ଲୀ ଗସ୍ତ କରି ସଂସଦର ଏକ ଗୁରୁତ୍ୱପୂର୍ଣ କମିଟିରେ ଯୋଗ ଦେଇଛନ୍ତି । ମଙ୍ଗଳବାର ନୂଆଦିଲ୍ଲୀରେ ଶ୍ରମ, ବସ୍ତ୍ର ଓ କୌଶଳ ବିକାଶ ପାର୍ଲାମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ବି ଆର ବୋମାଇ ଙ୍କର ଅଧକ୍ଷତା ରେ ଅନୁଷ୍ଠିତ ବୈଠକ ରେ ଢେଙ୍କାନାଳ ସାଂସଦ ଯୋଗ ଦେଇଥିଲେ ।ଠିକା ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା, ଶ୍ରମ ସମ୍ବନ୍ଧିୟ ଇପିଏଫ, ପେନସନ ସମସ୍ୟା ଉପରେ ଶ୍ରୀ ପାଣି କମିଟି କୁ ପରାମର୍ଶ ଦେଇଥିଲେ । ରାଜ୍ୟରେ ଥିବା ଇଏସ ଆଇ ସି ହସ୍ପିଟାଲ ମାନଙ୍କରେ ତଥା ବିଶେଷ ଭାବେ ଅନୁଗୁଳ ବଳରାମ ପ୍ରସାଦରେ ଥିବା ଇଏସଆଇସି ମେଡିକାଲରେ ଡାକ୍ତର ଓ ମେଡିକାଲ ଷ୍ଟାଫ ର ଅଭାବ କୁ ତୁରନ୍ତ ପୂରଣ କରିବା ଉପରେ ଶ୍ରୀ ପାଣି ପରାମର୍ଶ ଦେଇଥିଲେ ।

# ପ୍ରଥମ ସିମିନଇ ଲୋକକଳା ମହୋତ୍ସବ ଉଦ୍ଯାପିତ



ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲା ଓଡାପଡା ବ୍ଲକ୍ ସିମିନଇ ବଜାର ଯାତ୍ରା ପଡିଆରେ ଓଡିଶା ସରକାରଙ୍କର ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡା ଯୁବକ ସଂଘ ଦ୍ୱାରା ଆୟୋଜିତ ପ୍ରଥମ ଲୋକକଳା ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷା ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଂଧ୍ୟାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କର ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କଳା ସାହିତ୍ୟ ସଂସ୍କୃତି ସଭ୍ୟତାର ମାପକାଠି ବୋଲି ପ୍ରକାଶ କରିବା ସହିତ ଏଭଳି ମହୋତ୍ସବର ଆୟୋଜନ ପାଇଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ। ଆମ ସରକାର କୌଣସି କ୍ଷେତ୍ରରେ ମିଡିଲ୍‌ମ୍ୟାନ ବା ଦଲାଲ ମାନଙ୍କୁ ପ୍ରଶ୍ରୟ ଦିଏ ନାହିଁ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେହି ଦଲାଲ ମାନଙ୍କୁ ଜଗିବାର ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡାପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ, ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସ, ବରିଷ୍ଠ ଆଇନଜିବୀ ତଥା ବିଜେପି ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ ଦେଇ କଳା ସାହିତ୍ୟ ସଂସ୍କୃତିକୁ ଭବିଷ୍ୟତ ଆଡକୁ ବୋହି ନେବା ପାଇଁ ଏଭଳି ମହୋତ୍ସବର ଆୟୋଜନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡା ଯୁବକ ସଂଘ ର ସଭାପତି କୈଳାଶ ଚନ୍ଦ୍ର ରାଉତ ଅନୁଷ୍ଠାନର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା କିର୍ତୀମଂଜରୀ ସାହୁଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ସାହିତ୍ୟ ସମ୍ମାନ, ଅବସରପ୍ରାପ୍ତ ପ୍ରଶାସକ ନିତ୍ୟାନନ୍ଦ ରଥ ଏବଂ ସେବତୀ ସାହୁଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ସେବା ସମ୍ମାନ, ଦୈତାରୀ ସାହୁଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ କ୍ରୀଡା ସମ୍ମାନ ଏବଂ ବାଲୁକା ଶିଳ୍ପୀ ସୁବ୍ରତ ମହାରଣାଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶତାୟୁ ପୁରୁଷ ତଥା ସ୍ଥାନୀୟ ଅଂଚଳର ଜଣେ ବଦାନ୍ୟ ବ୍ୟକ୍ତି ଚକ୍ରଧର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଏହି ଦୁଇ ଦିନିଆ ଲୋକକଳା ମହୋତ୍ସବକୁ ଉଦ୍ଘାଟନ କରି କହିଲେ ଯେ, ଗ୍ରାମାଂଚଳରେ ଏଭଳି ମହୋତ୍ସବ ଦ୍ୱାରା ଲୋକକଳା ଗୁଡିକ ଉଦ୍‌ଜିବିତ ହୋଇ ପାରିବ ଏବଂ ପିଢି ପରେ ପିଢି ଆମ ମାନଙ୍କୁ ସାଂସ୍କୃତିକ ଏବଂ ସାମାଜିକ ସମୃଦ୍ଧିରେ ଉଦ୍‌ବୁଦ୍ଧ କରିବ। ଅପରାହ୍ନ ୪ଟା ସମୟରେ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀଙ୍କ ପୀଠରୁ ଯାତ୍ରା ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ଥିଲା। ମହୋତ୍ସବ କମିଟିର ଅଧ୍ୟକ୍ଷା ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଂଧ୍ୟାରେ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ମୂଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ, ପଲ୍ଲୀ ଅଂଚଳରେ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ସହିତ ତାହାକୁ ଉଦ୍‌ଜିବୀତ କରି ରଖିବାରେ ଏହି ମହୋତ୍ସବର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଶିଷ୍ଟ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲାପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସିମିନଇ ସରପଂଚ ଅଜିତ ସିଂହ, ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକଆଖଡା ଯୁବକ ସଂଘର ସଂପାଦକ ରାସବିହାରୀ ମହାନ୍ତି, ସୁନୀଲ ଶର୍ମା, ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏଭଳି ଲୋକକଳା ମହୋତ୍ସବର ଆୟୋଜନ ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଶେଷରେ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡା ଯୁବକ ସଂଘର ସଭାପତ କୈଳାଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ସଂଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ସମେତ ବଲାଙ୍ଗୀରର ବଜାଶାଲ, ମୟୁରଭଂଜର ଛଉ ନୃତ୍ୟ ଏବଂ ସମ୍ବଲପୁରୀ ଲୋକନୃତ୍ୟ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଭୟ ଦିନର କାର୍ଯ୍ୟକ୍ରମକୁ ବିଜ୍ଞାନ ମହାନ୍ତି ସଂଯୋଜନା କରିଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷା ଇତିଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକଆଖଡା ଯୁବକ ସଂଘର ସଦସ୍ୟ, ସିମିନଇ ଗ୍ରାମବାସୀ ଏବଂ ପୂଜା କମିଟିର ସଦସ୍ୟ ମାନେ ପରିଚାଳନା କରିଥିବା ବେଳେ ଜୟନ୍ତୀ ପ୍ରଧାନ ଏବଂ ସ୍ୱର୍ଣ୍ଣଲତା ରାଉତ ସହଯୋଗ କରିଥିଲେ।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ

କାମାକ୍ଷାନଗର, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ନବୀନ ପଟ୍ଟନାୟକ ଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ବିଜେଡିର ତୁଙ୍ଗନେତା ନବୀନ ପଟ୍ଟନାୟକ ୭୯ ବର୍ଷ ରେ ପାଦ ଦେଇଛନ୍ତି। ନବୀନଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ବିଜେଡି ତରଫରୁ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର, ବୃକ୍ଷରୋପଣ, ପଦଯାତ୍ରା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସେହିପରି କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯାଇଛି ।କାମାକ୍ଷାନଗର ବ୍ଲକ ବାଇସିଙ୍ଗା ଗ୍ରାମଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଜନ୍ମଦିନ ଉତ୍ସବ ପାଳନ କରାଯାଇଛି। ଗ୍ରାମ ର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ବିଶାଳ ପଦଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ସହ ନବୀନ ପଟ୍ଟନାୟକଙ୍କ ଐତିହାସିକ ଯୋଜନା ଗୁଡିକ ବିଷୟରେ ଲୋକ ମାନଙ୍କୁ ସଚେତନ କରାଯାଇଥିଲା ।ପରେ ସ୍ଥାନୀୟ ଶିବାକ୍ଲବ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । କାମାକ୍ଷାନଗର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡା ଅବିନାଶ ସାମଲ, କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ , ଭୁବନ ବ୍ଲକ ପୂର୍ବତନ ଅଧକ୍ଷ ଧର୍ମାନନ୍ଦ ବରାଳ, ଭୁବନ ଏନଏସି ଅଧକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ମିଶ୍ର,ଭୁବନ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ,ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ, ଶତାଧିକ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଆଗାମୀ ଦିନରେ ରାଜ୍ୟ ର ଉନ୍ନତି ପାଇଁ ନବୀନ ପଟ୍ଟନାୟକ କାର୍ଯ୍ୟ କରିବା ସହ ତାଙ୍କର ଦୀର୍ଘାୟୁ କାମନା କରି ସ୍ୱପ୍ନେଶ୍ୱର ମହାଦେବଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।

# ସିଆଟେଲ୍‌ରେ ପ୍ରବାସୀ ଓଡ଼ିଆଙ୍କ ଦୁର୍ଗାପୂଜା

କଟକ (ସ୍ୱ.ପ୍ର): ଆମେରିକାର ସିଆଟେଲ୍‌ଠାରେ ଓଡ଼ିଆ ଯୁବସଂଗଠନ ପକ୍ଷରୁ ଦୁର୍ଗାପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରବାସୀ ଓଡ଼ିଆ ପରିବାରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଯୁବକଳାକାର ଓ କୁନିକୁନି ପିଲାମାନେ ଅଂଶଗ୍ରହଣ କରିଥିଲେ । ଏ ଅବସରରେ ଉତ୍ସବସ୍ଥଳରେ ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ସଂଭାର ପ୍ରସ୍ତୁତ



ହୋଇଥିଲା । ସିଆଟେଲ ଓଡ଼ିଆ ପରିବାର ପକ୍ଷରୁ ଡାକ୍ତର ଶିବାନୀ ଦାଶ ଦୁର୍ଗାପୂଜା ଉତ୍ସବ ଆୟୋଜକର ମୁଖ୍ୟ ପୁରୋଧା ଥିଲାବେଳେ ଅମୂଲ୍ୟ ଦାଶ, ସଚଳା ଦାଶ, ଅଲିଶା ଦାସ, ଦେବଦତ୍ତ ଦାସ, ଇଟୁ ଦାସ, ମନୋଜ ରଥ, ନିହାର ଦାଶ, ସଂଜୀବ ଷଡ଼ଙ୍ଗୀ, ସଂଜୟ ଦାଶ, ଦୀନକୃଷ୍ଣ ରାୟ, ଅରୁଣ ମିଶ୍ର, ମନୋଜ ନନ୍ଦ, ଅଶୋକ ଦାସଙ୍କ ସମେତ ରୁଚି ପରିବାର ପକ୍ଷରୁ ବିଭୁ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସିଆଟେଲ୍‌ଠାରେ ପାରମ୍ପାରିକ ଦୁର୍ଗାପୂଜା କାର୍ଯ୍ୟକ୍ରମ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ସୃଷ୍ଟି କରିଥିଲା ।

# ସନ୍‌ଫିଷ୍ଟ ଡାର୍କ ଫାନ୍ସି ପିଲାଙ୍କ ପାଇଁ ପ୍ରଚଳନ କରୁଛି 'ବିଗ୍ ଫାସିଜ୍'

ଭୁବନେଶ୍ୱର (ସବ୍ୟୁ) ଦୈନନ୍ଦିନ ମୁହୂର୍ତ୍ତଗୁଡିକୁ ଏକ ଅନନ୍ୟ ଅନୁଭୂତିରେ ପରିଣତ କରିବା ନିମନ୍ତେ ସୁପରିଚିତ ଭାରତର ସର୍ବାଧିକ ଲୋକପ୍ରିୟ କୁକି ବ୍ରାଣ୍ଡ ଆଇଟିସି ସନ୍‌ଫିଷ୍ଟ ଡାର୍କ ଫାନ୍ସି ଗର୍ବର ସହିତ ତାହାର ସଦ୍ୟତମ ନବସୃଜନ ପ୍ରେରିତ ପ୍ରୟାସ 'ବିଗ୍ ଫାସିଜ୍: ଗିଭ ୱିଙ୍ଗସ୍ ଟୁ ୟୋର ଇମାଜିନେସନ' ସମ୍ପର୍କରେ ଘୋଷଣା କରୁଅଛି । । ଏହି ପ୍ରୟାସ ସହିତ ବ୍ରାଣ୍ଡ ପ୍ରଯୁକ୍ତି କଳାକୁ ସମନ୍ୱିତ କରି ପିଲାଙ୍କ ଠାରେ ସୃଜନଶୀଳତା ଏବଂ କଳ୍ପନାକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅନନ୍ୟ ଏବଂ ଅଗ୍ରଣୀ ଚିନ୍ତାଧାରା ସମ୍ପନ୍ନ ପ୍ରୟାସ ବେଙ୍ଗାଲୁରୁ ସେ ଯୋଶେଫ ସ୍କୁଲରେ ପିଲାମାନେ, ସେମାନଙ୍କର ପିତା ମାତା ଏବଂ ମାନ୍ୟଗଣ ଅତିଥିଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ଏକ ଶିଶୁର କଳ୍ପନାକୁ ଆଗକୁ ବଢାଇବାର ଗୁରୁତ୍ୱ' ଉପରେ ଏକ ବିସ୍ତୃତ ଦଳଗତ ଆଲୋଚନା ସ୍ଥାନ ପାଇଥିଲା, ଯେଉଁଥିରେ ମହାକାଶ ଅନୁଧ୍ୟାନ, ଶିକ୍ଷାକ୍ଷେତ୍ର, ମନୋବିଜ୍ଞାନ ଏବଂ ସୃଜନଶୀଳ କଳା ଆଦି କ୍ଷେତ୍ରରୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# ଇଂଲଣ୍ଡରେ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଜମି ହାସଲ କଲେ ଡ. ବିଶ୍ୱନାଥ ପଟ୍ଟନାୟକ

ଭୁବନେଶ୍ୱର (ସବ୍ୟୁ): ଲଣ୍ଡନରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କେତେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ଫିନନେଷ୍ଟ ଗ୍ରୁପ୍, ଏହାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ବିଶ୍ୱନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରକଳ୍ପକୁ ଆଗକୁ ବଢ଼ାଇବା ପାଇଁ ବଦ୍ଧପରିକର ଅଛି । ଡ. ପଟ୍ଟନାୟକ ମନ୍ଦିରର ବିକାଶ ପାଇଁ ୨୫ ନିୟୁତ ପାଉଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ପ୍ରକଳ୍ପର ଅଗ୍ରଗତି ଜାରି ରଖିଛନ୍ତି । ନିକଟରେ ବ୍ରିଟେନର ଶ୍ରୀ ଜଲାରାମ ଜ୍ୟୋତି ମନ୍ଦିର ଏହି ମନ୍ଦିର ପାଇଁ ଆନୁଷ୍ଠାନିକ ଭାବେ ଜମି ଚିହ୍ନଟ କରିଛି ବୋଲି ଅକ୍ଟୋବର ୧୬, ୨୦୨୪ରେ ଏକ ଚିଠି ମାଧ୍ୟମରେ ନିଶ୍ଚିତ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ଏହି ସମ୍ମାନଜନକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହାସିକ ପ୍ରତିଷ୍ଠାକୁ ସମଗ୍ର ଜଗନ୍ନାଥ ସମ୍ପ୍ରଦାୟ ପାଇଁ ଫଳପ୍ରଦ କରିବାର ନିକଟତର କରିଛି । ନିକଟରେ ଗଣମାଧ୍ୟମରେ ପ୍ରକାଶିତ କେତେକ ଖବର ସଂପର୍କରେ ଡ. ପଟ୍ଟନାୟକ କହିଛନ୍ତି, ମନ୍ଦିର ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତା ଅତୁଟ ରହିଛି । ପାରଦର୍ଶିତାରେ ସମସ୍ୟା ଯୋଗୁଁ ଶ୍ରୀଜଗନ୍ନାଥ ସୋସାଇଟି ୟୁକେ (ଏସଜେଏସ୍ୟୁକେ) ସହିତ ଭାଗିଦାରୀ ବାତିଲ ହୋଇଛି, କାରଣ ଆମ ପାଇଁ ସ୍ୱଚ୍ଛତା ସର୍ବୋଚ୍ଚ ଅଟେ ।

## ସାରା ରାଜ୍ୟରେ ପାଳିତ ହେଲା ନବୀନଙ୍କ ୭୮ତମ ଜନ୍ମଦିନ

# ଶଙ୍ଖ ଭବନରେ ଆୟୋଜିତ ରକ୍ତଦାନ ଶିବିରରେ ୨୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର, (ସବ୍ୟୁ): ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ବୁଧବାର ଦଳ ତରଫରୁ ଶଙ୍ଖଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ତରଫରୁ ଆୟୋଜନ କରାଯାଇଥିଲା । ରକ୍ତଦାନ ଶିବିରରେ ୨୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲାବେଳେ ରାଜ୍ୟର ୩୫ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ସମୁଦାୟ ୩୦୦୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏଥିରେ ଦଳର ଯୁବ, ଛାତ୍ର ଓ ମହିଳା ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ନବୀନଙ୍କ ଜନ୍ମଦିନ ସାରା ରାଜ୍ୟର ବିଭିନ୍ନସ୍ଥାନରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ସହ ଜନସାଧାରଣ ମଧ୍ୟ ଆଜି ନବୀନ ନିବାସ ଯାଇ ନବୀନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶଙ୍ଖଭବନ ଠାରେ ଆୟୋଜିତ ରକ୍ତଦାନ ଶିବିର



ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଦଳର ବରିଷ୍ଠ ନେତୃମଣ୍ଡଳୀ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର, ଅତନୁସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ମେୟର ଶ୍ରୀମତୀ ସୁଲୋଚନା ଦାସ, ରାଜ୍ୟସଭା ସଦସ୍ୟା ଶ୍ରୀମତୀ ସୁଲତା ଦେଓ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଓ ଡଃ ପ୍ରିୟବ୍ରତ ମାଝୀ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ଶ୍ରୀମତୀ ଶ୍ରୀମୟୀ ମିଶ୍ର, ମନ୍ମଥ ରାଉତରାୟ, ବିଜୟ ନାୟକ, ମୁଖପାତ୍ର ମିହିରରାୟ, ଦ୍ୟୁମ୍ନନାଥ ପଣ୍ଡା ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ବିଜେପିରେ ଯୋଗଦେଲେ ଶତାଧିକ ମହିଳା

ସାକ୍ଷୀଗୋପାଳ,(ସବ୍ୟୁ):ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ଓ ମହୁରା ପଞ୍ଚାୟତର ଶତାଧିକ ମହିଳା ବୁଧବାର ଦିନ ବିଜେପି ଦଳରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଆଞ୍ଚଳିକ ନାରିକେଳ ଗବେଷଣା କେନ୍ଦ୍ର ପରିସରରେ ଅବସ୍ଥିତ ମା ଚଣ୍ଡୀ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ସାଂସଦଙ୍କ ପ୍ରତିନିଧି ତ୍ରିଲୋଚନ ରଥ, ହର ପ୍ରସାଦ ରଥ,ରୀତା ତ୍ରିପାଠୀ, ଉମେଶ ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ରାଉତରାୟ ଓ ପ୍ରତାପ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ମହିଳାମାନଙ୍କ ଯୋଗଦାନକୁ ସ୍ୱାଗତ କରିଥିଲେ। ଏହି ଯୋଗଦାନ ଫଳରେ ସତ୍ୟବାଦୀରେ ବିଜେପିର ଶକ୍ତି ବୃଦ୍ଧି ଘଟିଲା ବୋଲି ବିଧାୟକ ଶ୍ରୀଯୁକ୍ତ ମିଶ୍ର ପ୍ରକାଶ କରିଥିଲେ । ଜୟନ୍ତୀ ସେନାପତି, ଶୁକଳ ପଞ୍ଚାୟତ ଓ ଜୟନ୍ତୀ ସ୍ୱାଇଁ, ମହୁରା ପଞ୍ଚାୟତଙ୍କ ନେତୃତ୍ୱରେ ମହିଳା ପ୍ରାଣୀ ମିତ୍ର, ଓ ମହିଳା କୃଷି ମିତ୍ରଙ୍କ ଶତାଧିକ ମହିଳା ବିଜେପିରେ ଯୋଗ ଦେଇଥିଲେ । ବିଧାୟକ ଶ୍ରୀଯୁକ୍ତ ମିଶ୍ର ଏହି ମହିଳା ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

# ଗ୍ଲୋବାଲ ସୁପରଷ୍ଟାର୍ ଜେନିଙ୍କ ବହୁପ୍ରତିକ୍ଷୀତ ନୂଆ ସିଙ୍ଗଲ୍ ଓ ମ୍ୟୁଜିକ ଭିଡିଓ 'ମନ୍ତ୍ରା'

ଭୁବନେଶ୍ୱର(ସବ୍ୟୁ) : ବିଶ୍ୱବ୍ୟାପୀ ପ୍ରତୀକ୍ଷା ପରେ ଗ୍ଲୋବାଲ ସୁପର୍‌ଷ୍ଟାର ଜେନି ଆଜି କଲମ୍ବିଆ ରେକର୍ଡସ / ଓଡାଟେଲିୟର ମାଧ୍ୟମରେ ନିଜର ବହୁପ୍ରତିକ୍ଷୀତ ନୂଆ ସିଙ୍ଗଲ୍ ଓ ମ୍ୟୁଜିକ୍ ଭିଡିଓ 'ମନ୍ତ୍ରା'କୁ ରିଲିଜ୍ କରିଛନ୍ତି । ଏହି ନୂଆ ସିଙ୍ଗଲ୍ ସମ୍ପର୍କରେ ସେ କହିଛନ୍ତି, ' ମୋର ନୂତନ ଯୁଗକୁ ଆରମ୍ଭ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସଙ୍ଗୀତ। ମୁଁ ଭାବୁଛି 'ମନ୍ତ୍ରା' ମୋର ପ୍ରଶଂସକଙ୍କୁ ଖୁସି କରିବ କିନ୍ତୁ ଏହା ଜଣେ ସୋଲୋ ଆର୍ଟିଷ୍ଟ ଭାବେ ମୋର ନୂଆ ରୂପକୁ ମଧ୍ୟ ପ୍ରଦର୍ଶିତ କରିବ। ଏହି ଗୀତଟି ଲସ୍ ଆଲେ୍‌ସରେ ମୋର ରେକର୍ଡିଂ ସମୟ ଦ୍ୱାରା ଅନୁପ୍ରାଣିତ ଅଟେ ଏବଂ ପ୍ରଶଂସକମାନେ ସେହି ଉତ୍ସାହକୁ ଅନୁଭବ କରିପାରିବେ ବୋଲି ମୁଁ ଆଶା କରୁଛି – ଯାହା ସକାରାତ୍ମକ ହେବା, ଅଭିବ୍ୟକ୍ତିଶୀଳ ହେବା ଓ ନିଜ ପ୍ରତି ବାସ୍ତବ ରହିବା ସମ୍ପର୍କିତ ଅଟେ। ଏହା ମୋର ସମସ୍ତ ମହିଳା ଓ ଯୁବତୀ ପ୍ରଶଂସକମାନଙ୍କ ପାଇଁ ନିଜର ବ୍ୟକ୍ତିତ୍ୱକୁ ଭଲ ପାଇବାର ଏକ ବାର୍ତ୍ତା ସହ ଶକ୍ତିଶାଳୀ ଓ ସଶକ୍ତ ଅଟେ। ଏହା ଆପଣଙ୍କର ଆନ୍ଥେମ ଅଟେ ।' 'ମନ୍ତ୍ରା' ଏକ ନିର୍ଭୀକ ଓ ଅବିସ୍ମରଣୀୟ ସଙ୍ଗୀତ ଭାବେ ତାଙ୍କର ପରବର୍ତ୍ତୀ ପର୍ଯ୍ୟାୟକୁ ଆଲୋକିତ କରୁଛି। ଏକ ହାର୍ଡ-ହିଟିଂ ବାସ୍ ଲାଇନ୍ ଓ ବୋଲ୍ଡ ବିଟ୍ ମଧ୍ୟରେ ସେ ଆତ୍ମବିଶ୍ୱାସ ସହ ପ୍ରକାଶ କରିଛନ୍ତି ଯେ, 'ବେଳେ ବେଳେ ଝିଅମାନେ କେବଳ ମଜା କରିବା ଉଚିତ୍'। ଏକ ସୁନ୍ଦର ଭିଜୁଆଲ ଦ୍ୱାରା ସୁସଜ୍ଜିତ ଏହି ଗୀତରେ ନିଶ୍ଚିତ ରୂପେ ଏକ ବ୍ଲକ୍‌ବଷ୍ଟର ଭିଡିଓ ହେବାର ସମସ୍ତ ଉପାଦାନ ରହିଛି।

# ନବୀନଙ୍କ ଜନ୍ମ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର



ପୁରୀ, (ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୯ ତମ ଜନ୍ମ ଦିବସ ଅବସରରେ ୟୁଥ୍ ହଷ୍ଟେଲ ପରିସରରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ଯାଇଛି । ଏହି ରକ୍ତ ଦାନ ଶିବିରରେ ମୋଟ ୧୦୩ ୟୁନିଟ ରକ୍ତ ସଂଗ୍ରହ କର ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏଂ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦଘାଟନ କରିଥିଲେ । ଏହି ରକ୍ତ ଦାନ ଶିବିରରେ ନିମାପଡ଼ାର ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ପୁରୀର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସୁରେନ୍ଦ୍ରନାଥ ଦାସ, ବିଶୁ ରାଓ, ପୂର୍ବତନ କାଉନସିଲର ବିଭୂତି ସେଠୀ, ନୃସିଂହ ସାହୁ, ନାରାୟଣ ପଟ୍ଟନାୟକ, ସୂଚୀସ୍ମିତା ସାହୁ,ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର,ରବି ଶଙ୍କର ପ୍ରତିହାରୀ ,ସାଇନା ଖୁଣ୍ଟିଆ ,ସୁବ୍ରତ ଛାଟୋଇ ,ବିଜୟ ମିଶ୍ର ,ବିଦ୍ୟାଧର ସ୍ୱାଇଁ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ପ୍ରବେଶ କରିଛି ଭାରତର ଅଗ୍ରଣୀ ଘରୋଇ ସେବା ଷ୍ଟାର୍ଟଅପ୍ ହୋମ୍ ଟ୍ରାଏଙ୍ଗେଲ

ଭୁବନେଶ୍ୱର (ସବ୍ୟୁ) : ଭାରତର ଘରୋଇ ସେବା ଶିଳ୍ପରେ ଏକ ଅଗ୍ରଣୀ ସଂସ୍ଥା ହୋମ୍ ଟ୍ରାଏଙ୍ଗେଲ, ଭୁବନେଶ୍ୱରେ ଏହି ଉପସ୍ଥିତିକୁ ବିସ୍ତାର କରିଛି। ଏହି ରଣନୈତିକ ପଦକ୍ଷେପ ନିଜର ପହଂଚକୁ ବୃଦ୍ଧି କରିବା ଓ ଏଭଳି ବିକଶିତ ବଜାରଗୁଡିକରେ ଘର ମାଲିକମାନଙ୍କର ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀର ଲକ୍ଷ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ସାମ୍ପ୍ରତିକ ବିସ୍ତାର ସହିତ କମ୍ପାନୀ ଏବେ ଭାରତର ୨୩ଟି ସହରରେ ଉପସ୍ଥିତ ରହିଛି ଏବଂ ଆଗାମୀ ମାସଗୁଡିକରେ ଅଧିକ ସହରକୁ ସମ୍ପ୍ରସାରିତ ହେବା ପାଇଁ ଯୋଜନା ରଖିଛି। କମ୍ପାନୀ ନିଜ ପରିଚାଳନାର ୬ ମାସ ମଧ୍ୟରେ ମୋଟ ରାଜସ୍ୱରୁ ପ୍ରାୟ ୩ରୁ ୫%



ଭୁବନେଶ୍ୱରରୁ ହାସଲ କରିବା ପାଇଁ ଆଶା ରଖିଛି। ୨୦୧୫ରେ ସ୍ଥାପିତ ହୋମ୍ ଟ୍ରଏଙ୍ଗେଲ ଭାରତରେ ଘରୋଇ ସେବା କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ଆଗଧାଡିରେ ରହିଆସିଛି। ସ୍ଥାନୀୟ ପେସାଦାରମାନଙ୍କୁ ଘର ମାଲିକଙ୍କ ସଂ ସଂଯୋଜିତ କରି, କମ୍ପାନୀ କେବଳ କ୍ଷୁଦ୍ର ବ୍ୟବସାୟଗୁଡିକୁ ସହଯୋଗ କରୁନାହିଁ ବରଂ ଦେଶବ୍ୟାପୀ କୁଶଳୀ କର୍ମଚାରୀମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଘର ମରାମତି, ସଫେଇ, ପେଷ୍ଟ କଂଟ୍ରୋଲ, ଆପ୍ଲାଏନ୍ସ ମରାମତି ଓ ହ୍ୟାଣ୍ଡିମ୍ୟାନ ସର୍ଭିସ ଭଳି ଏକ ବିସ୍ତୃତ ରେର ସେବାଗୁଡିକ ସହିତ ହୋମ୍ ଟ୍ରାଏଙ୍ଗେଲ ପ୍ରତ୍ୟେକ ଯୋଗାଯୋଗରେ ଉଚ୍ଚ ଗୁଣବତା ଓ ନିର୍ଭରଯୋଗ୍ୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର, ୯୧ୟୁନିଟ ସଂଗ୍ରହ

ଖୋର୍ଦ୍ଧା, (ସବ୍ୟୁ): ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୮ବର୍ଷ ବୟସରେ ପଦାର୍ପଣ କରିଛନ୍ତି । ଏହି ମହାନ ଜନନାୟକ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବାରେ କେବେବି ଅବହେଳା କରିନାହାନ୍ତି । ଓଡ଼ିଶା କୁ ଏକ ଶସକ୍ତ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ତାଙ୍କର ଅବଦାନ ଅତୁଳନୀୟ। ବୁଧବାର ତାଙ୍କ ଜନ୍ମ ଦିବସ ଅବସରରେ ଖୋର୍ଦ୍ଧା ସଦର ମହକୁମା ସ୍ଥିତ ଇଗଲ କ୍ଲବ୍ ପରିସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ୯୧ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଏହି କାର୍ଯ୍ୟକ୍ରମକୁ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ ।

ଅନ୍ୟତମ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରକ୍ଷଣୀ



ଗୁମାନସିଂ, ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଅଭିଷେକ ସିଂହସାମନ୍ତ, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶନୀ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନଧାତା, ଖୋର୍ଦ୍ଧା ପୌର-ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ମହମ୍ମଦ ଆରିଫ, ୧୩ ଟି ୱାର୍ଡ ର କାଉନ୍ସିଲର, ସରପଂଚ,ସମିତିସଭ୍ୟ/ସଭ୍ୟା, ଜିଲ୍ଲାପରିଷଦ ସଭ୍ୟ, ବିଜେଡି ମିଡିଆ ସେଲ ଆବାହକ ଲଳିତ ମୋହନ ମହାପାତ୍ର, ଡିଜିଟାଲ ସେକ୍ରେଟାରୀ ନୁପୁର ସାମନ୍ତସିଂହାରଙ୍କ ସମେତ ଜିଲ୍ଲା ପ୍ରେସ କ୍ଲବ ସମସ୍ତ ସଦସ୍ୟମାନେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ପବିତ୍ର ଦିନରେ ସମସ୍ତ ରକ୍ତଦାତା, ଅତିଥି ଓ ଉପସ୍ଥିତ ଶୁଭେଚ୍ଛୁ ବୃନ୍ଦ ଏହି ମହାନ ବ୍ୟକ୍ତିଙ୍କର ଦୀର୍ଘାୟୁ ତଥା ନିରାମୟ ଜୀବନ ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ପିଜ୍ଜା ହଟ ମୋମୋ ମିଆ ପିଜ୍ଜା ଲଞ୍ଚ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସବୁଠାରୁ ପ୍ରିୟ ତଥା ବିଶ୍ୱସ୍ତ ପିଜ୍ଜା ବ୍ରାଣ୍ଡ ପପିଜ୍ଜା ହଟ ମୋମୋ ମିଆ ପିଜ୍ଜାର ଲଂଚ କରିଛି , ଯାହା ପିଜ୍ଜା ହଟର ନାମ ଅନୁସାରେ ନିଜର ପ୍ରଥମ ପ୍ରକାରର ମିଶ୍ରଣ, ସ୍ୱାଇସୀ ସେଜୱାନ୍ ସସ୍ ସହିତ ଟପ୍ ହୋଇଥିବା ଚିଜୀ ପିଜା ଏବଂ ରସାଳ ଷ୍ଟ୍ରିଟ୍ ଷ୍ଟାଇଲ୍ ମୋମୋ। ଏହା ଉଭୟ ଭେଜ୍ ଏବଂ ନନ୍ ଭେଜ୍ ପ୍ରକାରରେ ଉପଲବ୍ଧ, ମୋମୋ ମିଆ ପିଜ୍ଜାର ୨୬୯ ରୁ ଆରମ୍ଭ ହେଉଛି। ମୋମୋ ମିଆର ଭେଜିଟେରିଆନ୍ ଭେରିଆଂଟରେ ସିମଲାଲଙ୍କା, ପିଆଜ ଏବଂ ମିଠା ମକାର ଟପିଂସ୍ ସହିତ ଚାରିପାଖରେ ସୁଆଦିଆ ଭେଜିଟେବଲ୍ ମୋମୋ ରଖାଯାଇଥିବା ଏକ ଆନନ୍ଦଦାୟକ କ୍ରଂଚି ପ୍ୟାନ୍ ପିଜା ବେସ୍ ଅଛି। ନନ୍ ଭେଜିଟେରିଆନ୍ ଭେରିଆଂଟ ସେଜୱାନ୍ ଚିକେନ୍ ମିଟବଲ୍, ସିମଲାଲଙ୍କା ଏବଂ ପିଆଜର ଟପ୍ପିଙ୍ଗ୍ ସହିତ ଆସିଥାଏ, ଯାହାର ଚାରିପାଖରେ ସୁଆଦିଆ ଚିକେନ୍ ମୋମୋ ରହିଛି। କେବଳ ଏତିକିରେ ନଥାଏ – ପ୍ରତ୍ୟେକ ମୋମୋ ତଳେ ଏବଂ ମସଲାଯୁକ୍ତ ସେଜୱାନ୍ ସସ୍ ର ଅନ୍ୟ ଏକ ପରସ୍ତ ଲୁଚିରହିଥାଏ, ଯାହା ପ୍ରତ୍ୟେକ ବାଇଟ୍ ରେ ଏକ ସ୍ୱତନ୍ତ୍ର କିକ୍ ଆଣିଥାଏ। ମସଲାଯୁକ୍ତ ସେଜୱାନ୍ ସସ୍ ର ନିଆରା ସ୍ୱାଦ ଚିଜୀ ପିଜାର ଆରାମଦାୟକ ସମୃଦ୍ଧତା ଏବଂ ରସାଳିଆ ମୋମୋର ମନୋରମ ଗଠନ ସହିତ ଗ୍ରାହକମାନେ ଏହାକୁ ପସନ୍ଦ କରିବେ ।

# ଟାଟା ମୋଟର୍ସ ପକ୍ଷରୁ ଦେଶ କା ଟ୍ରକ ଉତ୍ସବ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଟାଟା ମୋଟର୍ସ ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ନିର୍ମାଣକାରୀ ପ୍ରତିଷ୍ଠାନ ଦେଶ କା ଟ୍ରକ ଉତ୍ସବ ପାଳନ ଉତ୍ସବର ପ୍ରସ୍ତୁତି ପର୍ବ ପାଇଁ ୧୮ ଅକ୍ଟୋବର ୨୦୨୪ରେ ଭୁବନେଶ୍ୱର ଠାରେ ଏକ ଏକ ଦିବସୀୟ କାର୍ଯ୍ୟକ୍ରମର ଆୟୋଜନ କରୁଛି। ଭୁବନେଶ୍ୱରରେ ଅବସ୍ଥାପିତ ଟ୍ରକ



ମାଲିକାନା ସମ୍ପ୍ରଦାୟମାନଙ୍କୁ ସଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତ ହେଉଛି ଏକ କାର୍ଯ୍ୟକାରୀ ଦୂରଦୃଷ୍ଟି ତଥା ଟ୍ରକ ସମ୍ଭାରର ପ୍ରାଥମିକ ଅଭିଜ୍ଞତା ସହିତ ଟାଟା ମୋଟର୍ସର ଅଧୁନତମ ଟ୍ରକ ପରିସର ତଥା ଅନେକ ଗୁଡ଼ିଏ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ସହିତ ସର୍ବୋପରି ଏସବୁର ମୂଳ ଲକ୍ଷ୍ୟ ହେଉଛି, ସେମାନଙ୍କ ମଧ୍ୟରେ ଲାଭାଂଶ ବୃଦ୍ଧି କରିବା ସହିତ ସମ୍ପୂର୍ଣ୍ଣ ମାଲିକାନା ସତ୍ୱର ମୂଲ୍ୟ (ଟିସିଓ) ହ୍ରାସ ପ୍ରଦାନ କରିବା। ଯାନ ପରିବହନ କ୍ଷେତ୍ରରେ ଭଡ଼ା ବୃଦ୍ଧି କାର୍ଯ୍ୟ ଦକ୍ଷତା, ଇନ୍ଧନ ଦକ୍ଷତାରେ ବୃଦ୍ଧି ତଥା ଏ ସବୁ ଦିଗରେ ଏକ ବିରାଟ ଲାଭାଂଶ ପ୍ରାପ୍ତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ପ୍ରତିନିଧି ମାନଙ୍କୁ ବିଶେଷଜ୍ଞ ମାନଙ୍କ ପରାମର୍ଶ ପ୍ରଦାନର ବ୍ୟବସ୍ଥା ରହିଛି । ସେମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଯାନର ପ୍ରଦର୍ଶନ ତଥା ଏଥି ସହିତ ଯୋଡ଼ି ହୋଇଥିବା ସୁବିଧା ଏବଂ ଟାଟା ମୋଟର୍ସର କ୍ରୟ ପରବର୍ତ୍ତୀ ବିସ୍ତାରିତ ସେବା ପ୍ରଦାନ ଉପରେ ମଧ୍ୟ ବିଭିନ୍ନ ପ୍ରକାରର ପରାମର୍ଶ ପ୍ରଦାନ କରାଯିବ । ରାଜେଶ କୌଲ, ଉପସଭାପତି ତଥା ବିଜିନେସ ମୁଖ୍ୟ-ଟ୍ରକ୍ସ, ଟାଟା ମୋର୍ଟସ କମର୍ସିଆଲ ଭେଇକିଲ, ଏହି ଉତ୍ସବରେ ସାମିଲ ହୋଇ କହିଥିଲେ ଦେଶ କା ଟ୍ରକ ଉତ୍ସବ ଆମ ପାଇଁ ଏକ ପ୍ରମୁଖ ମଂଚ ପ୍ରଦାନ କରିବା ସହିତ ସିଧାସଳଖ ଭାବରେ ସେମାନଙ୍କ ସହିତ ରହି ଆମର ଅଧୁନତମ ଡ଼ିଜିଟାଲ ଉପାୟ ଗୁଡ଼ିକ ଉପରେ ଆଲୋକପାତ କରିବା ମୁଖ୍ୟ ଉଦ୍ଦେଶ୍ୟ।

## ସିବିଏସଇ ତୀରନ୍ଦାଜ ଚାମ୍ପିୟନସିପ ୨୦୨୪

# ବିଜୟ ଲାଭ କଲେ ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସମର୍ଥିତ ଯୁବ ତୀରନ୍ଦାଜ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଲିମିଟେଡ, ଲାଞ୍ଜିଗଡ଼, ଭାରତର ଅଗ୍ରଣୀ ମେଟାରଲଜିକାଲ ଗ୍ରେଡର ଆଲୁମିନିୟମ ନିର୍ମାତା। କଳାହାଣ୍ଡିର ଦୁଇ ଯୁବ ତୀରନ୍ଦାଜ କ୍ଷିରୋଦ କୁମାର ଓ ଓମକାର ମାଝୀ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ମେଡାଲ ଜିତିଛନ୍ତି । ରାୟପୁରରେ ଅନୁଷ୍ଠିତ ସିବିଏସଇ ତୀରନ୍ଦାଜ ଚାମ୍ପିୟନଶିପ ୨୦୨୪ରେ ପୂର୍ବ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ୨୦୦ରୁ ଅଧିକ ବ୍ୟତିକ୍ରମ ପ୍ରଦର୍ଶନ କରିଥିଲେ । କ୍ଷିରୋଦ କୁମାର ଓ ଓମକାର ମାଝୀ ଗତ ତିନିବର୍ଷ ଧରି ବେଦାନ୍ତ କ୍ରୀଡ଼ା ଉଦ୍ୟମ ଅଧିନରେ ତାଲିମ ନେଉଛନ୍ତି । ଏହି ପଦକ୍ଷେପଟି ଏକ ସାମଗ୍ରିକ କ୍ରୀଡ଼ା ଇକୋସିଷ୍ଟମ ସୃଷ୍ଟି କରି ଗ୍ରାମୀଣ ଗୋଷ୍ଠୀର ଯୁବ ପ୍ରତିଭାଧାରୀଙ୍କୁ ପ୍ରତିପୋଷଣ କରିବା ଲାଗି ଲକ୍ଷ୍ୟ ରଖିଛି ଯେଉଁଥିରେ ବ୍ୟାପକ ପ୍ରଶିକ୍ଷଣ ସୁଯୋଗ, ଦଳ ୟୁନିଫର୍ମ ଓ ବିଭିନ୍ନ ପ୍ରତିଯୋଗିତା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଛି । ୨୦୧୮ରେ ଆରମ୍ଭ ହେବା ପରଠାରୁ ବେଦାନ୍ତ ୧୦୦ରୁ ଅଧିକ ତୀରନ୍ଦାଜଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛି ସେଥିମଧ୍ୟରୁ ୫୦% ବାଳିକା ଅଟନ୍ତି । ସେମାନଙ୍କ ମଧ୍ୟରେ ୪୦ରୁ ଅଧିକ ପଦକ ଜିତିଛନ୍ତି ଓ ୨୦ରୁ ଅଧିକ ଆଥଲେଟ ଜାତୀୟ ସ୍ତରରେ ଚାମ୍ପିୟନଶିପରେ ପ୍ରତିନିଧିତ୍ୱ କରି ପଦକ ପାଇଛନ୍ତି ।




କଳାହାଣ୍ଡିର କ୍ଷିରୋଦ କୁମାର ଓ ଓମକାର ମାଝୀଙ୍କୁ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ମେଡାଲ

କ୍ରୀଡ଼ାବିତଙ୍କୁ ପ୍ରତିପୋଷଣ କରିବା ଲାଗି କମ୍ପାନିର ଉତ୍ସର୍ଗକୁ ନିଶ୍ଚିତ କରି ପ୍ରଣବ କୁମାର ଭଟାଚାର୍ଯ୍ୟ, ସିଇଓ-ଆଲୁମିନା ବିଜିନେସ, ବେଦାନ୍ତ ଲମିଟେଡ କହିଛନ୍ତି ଯେ ଆମର ଯୁବ କ୍ରୀଡ଼ାବିତଙ୍କ ଉଲ୍ଲେଖନୀୟ ସଫଳତାର ସାକ୍ଷୀ ହେବା ଆମ ପାଇଁ ଅତ୍ୟନ୍ତ ଗୌରବ ବିଷୟ। କ୍ରୀଡ଼ା ଜଗତରେ ଏକ ପଦଚିହ୍ନ ସୃଷ୍ଟି କରିବାକୁ ଅର୍ଥନୈତିକ ପରିସ୍ଥିତି ସହ ସାମାଜିକ- ସଂସ୍କୃତିକ ଐତିହ୍ୟ ପାଇଁ ଜଣାଶୁଣା କଳାହାଣ୍ଡି ମଧ୍ୟ ଅତୁଳନୀୟ ଭୂମିକା ନିର୍ବାହ କରୁଛି । ଗ୍ରାମୀଣ ଯୁବକମାନଙ୍କ ବିକାଶ ଲାଗି କମ୍ପାନି ପକ୍ଷରୁ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଛି । ଆମେ ବିଶ୍ୱସ୍ତରୀୟ ଆଥଲେଟ ସୃଷ୍ଟି କରିବାର ଏକ ବୃହତ ଦୃଷ୍ଟିକୋଣ ପାଇଁ ସହଯୋଗ କରୁଛୁ, ଯେଉଁମାନେ ଆଗାମୀ ଦିନରେ ଭାରତ ପାଇଁ ପ୍ରତିନିଧିତ୍ୱ କରିପାରିବେ । ବେଦାନ୍ତ ଆଲୁମିନିୟମ ଯୁବ ପ୍ରତିଭା ଅନ୍ୱେଷଣ ଓ ପ୍ରତିପୋଷଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ବେଦାନ୍ତ କ୍ରୀଡ଼ା ପଦକ୍ଷେପ ମାଧ୍ୟମରେ ତୀରନ୍ଦାଜ, ହକି ଓ ଫୁଟବଲ ଭଳି କ୍ରୀଡ଼ାରେ ୫୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି। ଏହା ସହ ବେଦାନ୍ତ ବିଭିନ୍ନ ସାମାଜିକ ପ୍ରଭାବରେ ୫୦୦ରୁ ଅଧିକ ଗାଁରେ ସକାରାତ୍ମକ ପ୍ରଭାବ ବିସ୍ତାର କରିଛି ଯାହା ଦ୍ୱାରା ୪.୫ ଲକ୍ଷ ଲୋକ ଉପକୃତ ହୋଇପାରିଛନ୍ତି । ଏହି ପ୍ରଭାବ ଗୁଡ଼ିକ ଶିକ୍ଷା, ଭିତିଭୂମି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସାଂସ୍କୃତିକ ବିକାଶକୁ ବିସ୍ତାର କରିଥାଏ। ଆମର ଫ୍ଲାଗସିପ କାର୍ଯ୍ୟକ୍ରମ ନନ୍ଦଘର ପ୍ରକଳ୍ପ ପ୍ରାୟ ୫୩୧ ଅଧୁନିକ ଅଙ୍ଗନବାଡ଼ି ପ୍ରତିଷ୍ଠା କରିଛି ଯାହା ମହିଳା ଓ ଶିଶୁ ବିକାଶ ପାଇଁ ଉତ୍ସର୍ଗୀକୃତ ।

# ଭୁବନେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ

ଭୁବନେଶ୍ୱର, (ସବ୍ୟୁ): ଦୀର୍ଘବର୍ଷ ପରେ ଭୁବନେଶ୍ୱର ଠାରେ ଅବସ୍ଥାପିତ ସାମ୍ବାଦିକମାନେ ଶାରଦୀୟ ଦୁର୍ଗାପୂଜା ଅବସରରେ ଗୋଟିଏ ମଂଚରେ ଏକାଠି ହେବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଛି । ଅଶି ଦଶକର ମଧ୍ୟଭାଗରୁ ରାଜଧାନୀ ଭୁବନେଶ୍ୱରରେ ନିଚ୍ଛକ ସାମ୍ବାଦିକତାଙ୍କବୃତ୍ତି ନିର୍ବାହ କରିଆସୁଥିବା । ସାମ୍ବାଦିକମାନଙ୍କ ପକ୍ଷରୁ ଶୁକ୍ରବାର (୧୧ ତାରିଖ) ପବିତ୍ର ଦଶହରା ପର୍ବ ନବମୀ ତିଥି ଅବସରରେ ଦୁଇ ନମ୍ବର ୟୁନିଟ୍ ସ୍ଥିତ ହନୁମାନ ମନ୍ଦିର



ପ୍ରାଙ୍ଗଣରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବିଶ୍ୱନାଥ ସାମଲ, ଅକ୍ଷୟ ପତି, ରମେଶ ଚନ୍ଦ୍ର ମହାନ୍ତି, ଦେବୀ ପଟ୍ଟନାୟକ, କେଦାର ମହାନ୍ତି, ସୁରେନ୍ଦ୍ର ସାହୁ, ପ୍ରତାପ ମହାନ୍ତି, ବିପିନ ସିଂ, ବି. ଚନ୍ଦ୍ର ରାଓ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାମ୍ବାଦିକମାନଙ୍କ ଭିତରେ ସମନ୍ୱୟ ସୁସମ୍ପର୍କ, ଏକତା ଓ ଭାଇଚାରା ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିବା ସହିତ ନିୟମିତ ବ୍ୟବଧାନରେ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସହମତ ହୋଇଥିଲେ। ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ବର୍ଦ୍ଧନ ଶାରଦୀୟ ବନ୍ଧୁ ମିଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି, ବାଉରୀବନ୍ଧୁ ମହାରଣା, ଦୀନବନ୍ଧୁ ସାହୁ, ସଂଜୟ ପ୍ରଧାନ, ବିଜୟ ପ୍ରଧାନ, ଅମିତାଭ ଦାସ, ସନ୍ଦୀପ ମିଶ୍ର, ଦେବକାନ୍ତ ମହାପାତ୍ର, ଗୋପୀନାଥ ପରିଡ଼ା, ସୁବାସ ସ୍ୱାଇଁ, ପାରେଶ୍ୱର ଜେନା, ଗୁଣଗ୍ରାହୀ ସାହୁ, ଉମେଶ ରାୟ, ବଳରାମ ନନ୍ଦ, କିଶୋର ମଙ୍ଗରାଜ, ହିମାଂଶୁ ସିଂ, ପ୍ରହ୍ଲାଦ ସିଂହ, ସମ୍ବିତ ରାୟ, ଅଜିତ ନାୟକ, ମହେଶ୍ୱର ରଥ, ପାର୍ଥସାରଥୀ ଜେନା, ପ୍ରିୟ ରଞ୍ଜନ ସାହୁ, ଅକ୍ଷୟ ସାହୁ, ସତ୍ୟବାଦୀ ନାୟକ, ମୁରଲୀ ମିଶ୍ର, ପ୍ରକାଶ ସେଠୀ, ସନତ ମିଶ୍ର, ସମର ପ୍ରଧାନ, ପ୍ରସନ୍ନନାୟକ, ହର ଦାସ, ଜୟଦେବ ପରିଡ଼ା, ଲଳିତ ପଟ୍ଟନାୟକ, ଉମେଶ ସାମନ୍ତରାୟ, ମିନତୀ ସିଂ, ସମନ୍ୱୟ ନନ୍ଦ, ଫଟୋ ସାମ୍ବାଦିକ ଅଭିମନ୍ୟୁ ମହାରଣାଙ୍କ ସମେତ ଶତାଧିକ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ସାମ୍ବାଦିକ ମାଧବ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନନୀ ଓଡ଼ିଶାର ମୁଖ୍ୟ ଉପଦେଷ୍ଟା ସୁବୋଧ ତ୍ରିପାଠୀ ଏବଂ ପ୍ରତ୍ୟୁଷ ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ।

